# ଅନୁସନ୍ଧାନ ଭାରତ

THE ANUSANDHAN BHARAT

POSTAL REG NO- PHI/009/2022

epaper.anusandhanbharat.com

RNI REG NO: ODIMUL00845

www.anusandhanbharat.com

anusandhanbharat
anusandhanbharat
anusandhanbharat
anusandhanbharat

VOL:1• ISSUE :7 • PAGES: 8 • PRICE:5/ • ବର୍ଷ: ୧ • ସଂଖ୍ୟା :୭ • ପୃଷ୍ଠା• ୮ ମୂଲ୍ୟ ୫ • ଅକ୍ଟୋବର ୧୬ • ସୋମବାର- ଅକ୍ଟୋବର ୨୨ ରବିବାର, ୨୦୨୨


### ⇉ ପିଇବା ପାଣିର ଅପଚୟ ⇇

## କୁମ୍ଭକର୍ଣ୍ଣ ନିଦ୍ରାରେ ଜନ ସ୍ୱାସ୍ଥ୍ୟ ବିଭାଗ



**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲା ଅଧିନସ୍ଥ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ବିଭିନ୍ନ ୱାର୍ଡ଼ରେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସାହି କୁ ପିଇବା ପାଣି ଯୋଗାଣ ହୋଇଆସୁଅଛି। ଜଳ ଯୋଗାଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଇପ ଲାଇନ ନିର୍ଦ୍ଧିଷ୍ଟ ସ୍ଥାନରେ ଫାଟି ବାହାର ପାଣି ମିଶୁଥିବାର ଅଭିଯୋଗ ହେଉଥିବାରୁ ଉକ୍ତ ପାଣି ପିଇବା ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଲୋକେ କହିଛନ୍ତି। ହେଲେ ଦୀର୍ଘ ତିନି ମାସରୁ ଉର୍ଦ୍ଧ୍ୱ ହେବ ୱାର୍ଡ ନମ୍ବର ୪ ସ୍ଥିତ ଶ୍ରୀରାମ ପଦାର ମୁଖ୍ୟ ରାସ୍ତା କଡରେ ଘରକୁ ସଂଯୋଗ କରା ଯାଇଥିବା ପାଇପ ଲାଇନ୍ ସ୍ଥାନେ ସ୍ଥାନେ ଫାଟି ଜଳ ଯୋଗାଣ ବିଚ୍ଛିନ୍ନ ହୋଇ ମୁଖ୍ୟ ରାସ୍ତାରେ ବୋହିଯାଉଛି। ଫଳରେ ଯାତାୟତ କରୁଥିବା ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସିଛି। ପ୍ରତ୍ୟେକ ଦିନ ଉକ୍ତ ରାସ୍ତାରେ ସ୍କୁଲ କଲେଜକୁ ଯିବା ଆସିବା କରୁଥିବା ଛାତ୍ର ଛାତ୍ରୀଙ୍କ ଉପରେ ଗାଡ଼ି ଯିବା ଆସିବା ସମୟରେ ବୋହିଯାଉଥିବା ପାଣି ଦେହ ମୁଣ୍ଡରେ ପଡୁଥିବାର ଦେଖିବାକୁ ମିଳୁଛି। ପାଣି ବୋହିଯାଉଥିବା ଦେଖି ଲୋକେ ସେହି ପାଣିରେ ନିଜ ନିଜ ମୋଟର ଗାଡି ଧୋଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ଅପଚୟ ହେଉଥିବା ପିଇବା ପାଣିର ସ୍ଥାୟୀ ସମାଧାନ ନିମନ୍ତେ ଶ୍ରୀରାମପଦା ବାସୀ ବିଭାଗୀୟ ଅଧିକାରୀଙ୍କୁ ଦାବୀ କରିଛନ୍ତି।





## କାଳିଗାଡୁ ହିଲଟପ ଗସ୍ତରେ କନ୍ଧମାଳ ଜିଲ୍ଲାପାଳ



**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅଚାନକ ଘୁ.ଉଦୟଗିରି ଗସ୍ତ କରି ସିଧା କାଳିଗାଡୁ ହିଲଟପ ପର୍ଯ୍ୟଟନ ସ୍ଥଳୀ ପାଖରେ ପହଞ୍ଚି ସେଠାରୁ ଚାଲି ଚାଲି ହିଲଟପ ଉପରକୁ ଯାଇଥିଲେ। ହିଲଟପରେ ଦୀର୍ଘ ସମୟ ଧରି ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହି ହିଲଟପର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ମୌଳିକ ଆବଶ୍ୟକତା ଉପରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ସ୍ଥାନୀୟ ବିଡ଼ିଓ ଆଶିଷ ତ୍ରିପାଠୀ, ବନବିଭାଗ ଅଧିକାରିଣୀ ମିନାକ୍ଷୀ କୁମୁରା, ବ୍ଲକ ଏଇ ମଳୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଜିଲ୍ଲାପାଳ ଗ୍ରେସିଙ୍ଗିଆ ସ୍ଥିତ ଆରଶ୍ମିନ ଜନତା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ୫ଟି ଯୋଜନାରେ ବିଦ୍ୟାଳୟର ରୂପାନ୍ତରିକରଣ କାର୍ଯ୍ୟ କିଭଳି ହେବ ଏବଂ ତାର ରୂପରେଖ କଣ ହେବ ତାହା ଅନୁଧ୍ୟାନ କରି ଫେରିଛନ୍ତି। ସୂଚନା ଥାଉ କି, କାଳିଗାଡୁ ହିଲଟପର ବିକାଶ ନିମନ୍ତେ ପ୍ରଶାସନ ପକ୍ଷରୁ ଅନୁଦାନ ପ୍ରଦାନ କରା ଯାଇ ଥିଲେ ସୁଦ୍ଧା ସ୍ଥାନୀୟ ବନବିଭାଗ ଦ୍ୱାରା ରାସ୍ତାର ନିର୍ମାଣ କାମକୁ ବନ୍ଦ କରା ଯାଇଛି। ଯାହାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅଶାନ୍ତି ଦେଖା ଦେଇଛି। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲ୍ଲାପାଳ ଗସ୍ତ କରିଛନ୍ତି। ତେଣୁ ବିକାଶ କାମରେ ଦେଖା ଦେଇ ଥିବା ସମସ୍ୟା ଯଥା ସମ୍ଭବ ସମାଧାନ ହେବା ନେଇ ସ୍ଥାନୀୟ ବାସିନ୍ଦା ଆଶା ରଖି ଥିବା କହିଛନ୍ତି।

## ଭଞ୍ଜନଗର ଏନଏସିରେ ଜନ ସମ୍ପର୍କ ପଦଯାତ୍ରା

**ଅନୁସନ୍ଧାନ ଭାରତ(ବ୍ୟୁର):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳ ତରଫରୁ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଜି ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସହରବାସୀଙ୍କ ନିକଟରେ ପହଞ୍ଚାଇବାକୁ ସ୍ଥାନୀୟ ବୁଢ଼ୀ ଠାକୁରାଣୀ ମନ୍ଦିର ଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହା ଶଙ୍ଖ ସାହି ଦେଇ ୧ନଂ ୱାର୍ଡ ଠାରୁ ୮ନଂୱାର୍ଡ ଏବଂ ୧୫ନଂ ୱାର୍ଡ ମଧ୍ୟରେ ଥିବା ବିଭିନ୍ନ ସାହି ପରିକ୍ରମା କରିଥିଲା। ସେହିପରି ମେଦିରି ସାହି, ଶ୍ରୀରାମ ମନ୍ଦିର ଛକ, ରେଡ଼କ୍ରସ ରୋଡ଼ର ପାର୍କ ଛକ ଏବଂ ବାଗଦେବୀ ରୋଡ଼ର ନିଗମାନନ୍ଦ ମାର୍ଗ ଠାରେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଜେଡ଼ି ଏନଏସି ସଭାପତି ରାଜେନ୍ଦ୍ର ବିଷୋୟୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ସମ୍ମାନିତ ଅତିଥି ରୂପେ ଉପାଧକ୍ଷା ଶୁଭଶ୍ରୀ ଦାସ, ବ୍ଲକ ଅଧକ୍ଷ ନରି ସଭା ନାୟକ, କନ୍ଧମାଳ ସାଂସଦ ବ୍ଲକ ପ୍ରତିନିଧି ଦିବାକର ନାୟକ, ଏନଏସି ପ୍ରତିନିଧି ପଞ୍ଚାନନ ପାଳ, ସଭାନେତ୍ରୀ ସୁଜ୍ଞାନୀ ଗୌଡ଼, ପୂର୍ବତନ ଏନଏସି ଅଧକ୍ଷ ସୁଧୀର ରଞ୍ଜନ ବେହେରା, ସମଜସେବୀ ଶୂଳପାଣି ଶତପଥି ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅନେକ ଜନହିତକର କାର୍ଯ୍ୟକ୍ରମ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ଓଡିଶା ଆଜି ସାରା ଦେଶରେ ୧ନଂ ହୋଇ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାଜିଛି। ସେହିପରି ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ପ୍ରଚେଷ୍ଟାରେ ଭଞ୍ଜନଗର ସହରର ବିକାଶ ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ। ଏଥିରେ ବିଭିନ୍ନ ୱାର୍ଡର କାଉନସିଲର, ବିଜେଡ଼ି ନେତୃବୃନ୍ଦଙ୍କ ସମେତ ବହୁ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

### କର୍ଲାମୁଣ୍ଡା ବିଡିଓଙ୍କ ମହାନତା

## ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ କଲେ ସାମିଲ



**ଅନୁସନ୍ଧାନ ଭାରତ(ବ୍ୟୁର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଓଡ଼ିଆମୁଣ୍ଡା ଗାଁର କରୁଣା ବାଗ ତାଙ୍କ ପତ୍ନୀ ମଲ୍ଲୀ ବାଗ, ବଡ଼ ଝିଅ ନୟନୀ ବାଗ( ୨୨ ), ପୁଅ ପପୁ ବାଗ( ୧୫ ), ଝିଅ ଅଙ୍କିତା ବାଗ( ୧୨ )ଙ୍କୁ ନେଇ ତାଙ୍କ ପରିବାର ବେଶ ଖୁସିରେ ରହୁଥିଲେ। କୁଲି ମଜୁରୀକରୀ ପରିବାର ପୋଷଣ କରୁଥିଲେ। କୋଭିଡ ସମୟରେ ରୋଗରେ ପଡ଼ି ଗତବର୍ଷ ମେ ୨୦ ତାରିଖରେ କରୁଣାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀର ପରଲୋକ ପରେ ତିନି ସନ୍ତାନଙ୍କୁ ନେଇ ବହୁ କଷ୍ଟରେ ପରିବାର ଚଳାଉଥିଲେ ମଲ୍ଲୀ ବାଗ। ହେଲେ ଗତ ୭ ତାରିଖ ତାଙ୍କର ମଧ ମୃତ୍ୟୁ ଘଟିଥିଲା। ମାଙ୍କ ମୃତ୍ୟୁ ପରେ ଦୁଇ ଭାଇ ଭଉଣୀଙ୍କ ସବୁ ବୋଝ ବଡ଼ ଝିଅ ନୟନୀଙ୍କ ଉପରେ। ଅର୍ଥ ଅଭାବରୁ ପପୁ ଯୁକ୍ତ ଦୁଇରେ ନାମ ଲେଖାଇ ପାରିନାହାନ୍ତି। ଏହି ସମସ୍ୟା ବିଷୟରେ କୌଣସି ମତେ ଜାଣି ସମାଜସେବୀ ଯଶୋବନ୍ତ ରଣା ଓ ସ୍ୱେଚ୍ଛାସେବୀ ସନତ କୁମାର ସାହୁ କରଲାମୁଣ୍ଡା ବିଡ଼ିଓଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନା, ରେଡ କ୍ରସ ପାଣ୍ଠିରୁ କିଛି ଆର୍ଥିକ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ତୁରନ୍ତ କରଲାମୁଣ୍ଡା ବିଡ଼ିଓ ସିଧେଶ୍ୱର ମେହେର ସେମାନଙ୍କୁ ଭବାନୀପାଟଣା ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ପାଖକୁ ନେଇ ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ତିନି ଶିଶୁଙ୍କୁ ନିଜ ଗାଡ଼ିରେ ଡିସିପିଓ ଅଫିସ ଆଣି ସେମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରିଛନ୍ତି। ସେମାନଙ୍କୁ ପ୍ରତି ମାସରେ ଦୁଇଜଣକୁ ୩ ହଜାର ଟଙ୍କା ମିଳିବ। ରାଧେଶ୍ୟମ ବାଗ କାର୍ଲମୁଣ୍ଡା ବିଡ଼ିଓଙ୍କୁ ଜଣାଇବା ପରେ ବିଡ଼ିଓ ତୁରନ୍ତ ପଦକ୍ଷପ ନେଇ ଥିଲେ। ବିଡିଓଙ୍କ ମହାନତା ପାଇଁ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସା ସୁଅଛୁଟୁଛି। ଏହା ସହ ବିଡ଼ିଓଙ୍କ ସହ ଯୋଗାଯୋଗ କରିଥିବା ସମାଜସେବୀ ଯଶୋବନ୍ତ ରଣା ଓ ସ୍ୱେଚ୍ଛାସେବୀ ସନତ କୁମାର ସାହୁଙ୍କୁ ମଧ ବେଶ୍ ପ୍ରଶଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା।



# କନ୍ଧମାଳ ଜିଲ୍ଲା ହୋମଗାର୍ଡ ମହାସଂଘ କର୍ମକର୍ତ୍ତା ଚୟନ ବୈଠକ



**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲା ହୋମଗାର୍ଡ ମହାସଂଘର ସଭାପତି ପ୍ରଭାତ କୁମାର୍ ସାହାଣୀଙ୍କ ଅଧ୍ୟକ୍ଷତାରେ ଗୋଛାପଡ଼ା ଥାନାର ସମସ୍ତ ହୋମଗାର୍ଡ ଭାଇ ଭଉଣୀମାନଙ୍କୁ ନେଇଁ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହେଇଯାଇଛି। କନ୍ଧମାଳ ଜିଲ୍ଲା ହୋମଗାର୍ଡ ମହାସଂଘର ଆଡ୍‌ଭାଇଜର୍ କୁନା ଦିଗାଲଙ୍କ ଉପସ୍ଥିତରେ ଗୋଛାପଡ଼ା ଥାନା ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରିବା ସହିତ ଗୋଛାପଡ଼ା ଥାନା ହୋମଗାର୍ଡ ସଂଘ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହେଇଥିଲା। ଆଗାମୀ ଦିନରେ ଗୋଛାପଡ଼ା ଥାନା ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟକ୍ରମ ତଥା ବୃକ୍ଷରୋପଣ, କାର୍ଯ୍ୟକ୍ରମ ରକ୍ତଦାନ, ଅସହାୟକମାନଙ୍କୁ ସହାୟତା, ସ୍ୱଚ୍ଛଭାରତ ଅଭିଯାନ, ଏପରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା କରାଯାଇଥିଲା ଏବଂ ମାନବାଧିକାର୍ ମିସନ ଷ୍ଟେଟ୍ ଚ୍ୟାର୍ମେନ ଏବଂ ସଭାପତିଙ୍କ ଆଲୋଚନା କ୍ରମେ କନ୍ଧମାଳ ଜିଲ୍ଲାର ସମସ୍ତ ଥାନାର ସଂଘ କର୍ମକର୍ତ୍ତା ହିୟୁମାନ ରାଇଟ୍ସ ମିସନର ସଦସ୍ୟ ହୋଇ ଆଗାମୀ ଦିନରେ ହୋମଗାର୍ଡ ଭାଇ ଭଉଣୀମାନଙ୍କୁ କିପରି ଉଚିତ୍ ନ୍ୟାୟ ମାନବାଧିକାର ମିସନ ମାଧ୍ୟମରେ ପାଇ ପାରିବେ ସେ ବିଷୟରେ ମାନବାଧିକାର ମିସନ କନ୍ଧମାଳ ଜିଲ୍ଲା ସଭାପତି ବିରାଜ କୁମାର ପ୍ରଧାନ ଆଲୋଚନା କରିଥିଲେ ଏବଂ ସମାଜରେ ମାନବାଧିକାର ମିସନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଗୋଛାପଡ଼ା ଥାନାରେ ହୋମଗାର୍ଡ ସଂଘ କର୍ମକର୍ତ୍ତା ଚୟନ କରାଯାଇଛି। ଗୋଛାପଡ଼ା ଥାନା ହୋମଗାର୍ଡ ସଂଘ ସଭାପତି ଲେବେନ୍ଦ୍ର ଦିଗାଲ, ଉପସଭାପତି ଦୁର୍ଯ୍ୟଶେଖର ମଲ୍ଲିକ, ସମ୍ପାଦନ ପ୍ରଶାନ୍ତ କୁମାର କହଁର, ସହ ସମ୍ପାଦନ, ସୁବାଷ ଚନ୍ଦ୍ର କହର, କୋଷାଧ୍ୟକ୍ଷ ସୋମନାଥ ବିନ୍ଧାଣୀ, ଉପକୋଷାଧ୍ୟକ୍ଷ ଭାବରେ ଅଭିରାମ ମହାନନ୍ଧ, ସଚିଦାନନ୍ଧ ସାଣ୍ଡ, କାର୍ଯ୍ୟକାରୀ ସଭାପତି ନାମେଶର ମିଶ୍ର ଏବଂ ପରାମର୍ଶ ଦାତା ଭାବରେ ସାମ୍ବାଦିକ ହୁରଞ୍ଜୀନ ସେଠୀଙ୍କୁ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ହୋମଗାର୍ଡ ମହାସଂଘର ଆଡ୍‌ଭାଇଜର୍ ସାମ୍ବାଦିକ ତଥା ସମାଜସେବୀ କୁନା ଦିଗାଲ, ସଭାପତି ପ୍ରଭାତ କୁମାର୍ ସାହାଣୀ, ଉପସଭାପତି, ବିରାଜ କୁମାର ପ୍ରଧାନ, କାର୍ଯ୍ୟକାରି ସଭାପତି, ଅଖୟ କୁମାର ରାୟ, ସମ୍ପାଦକ ସପନ କୁମାର ମିଶ୍ର, କୋଷାଧ୍ୟକ୍ଷ, ଶେଖ ରିହାଜୁଦିନ୍, ଜୟନ୍ତୀ ଚୈଧୁରି, ସାଫିରିନ ଖାନ୍ ଏବଂ ଗୋଛାପଡ଼ା ଥାନାର ସମସ୍ତ ଶୃଙ୍ଖଳିତ ହୋମଗାର୍ଡ ଉପସ୍ଥିତ ଥିଲେ। କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ ସରକାରୀ ମାନ୍ୟତା ସାଠିଫିକେଟ୍ ମିଳିଥିବାରୁ ତାଙ୍କୁ ଗୋଛାପଡ଼ା ଥାନାର ହୋମଗାର୍ଡମାନେ ମହାସଂଘକୁ ଅଶେଷ ଅଶେଷ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣେଇଛନ୍ତି। ଏହା ସହ କନ୍ଧମାଳ ଜିଲ୍ଲାର ହୋମଗାର୍ଡ ମଞ୍ଜୁଳା ନାୟକ ରାଜ୍ୟର ସମସ୍ତ ହୋମଗାର୍ଡମାନଙ୍କ ଦରମା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ହାଇକୋର୍ଟରେ ବିଚାରଧିନ ଥିବା କେସକୁ ଗୋଛାପଡ଼ା ଥାନାର ହୋମଗାର୍ଡମାନେ ଉପଯୁକ୍ତ ସହଯୋଗ କରିବ। କନ୍ଧମାଳ ଜିଲ୍ଲା ହୋମଗାର୍ଡ ମହାସଂଘର ସମସ୍ୟା ଖୁବଶୀଘ୍ର ସଫଳ ହୋଇପାରିବ ବୋଲି ଉକ୍ତ ସଭାରେ ଆଲୋଚନା କରାଯାଇଥିଲା। ଶେଷରେ କନ୍ଧମାଳ ଜିଲ୍ଲା ହୋମଗାର୍ଡ ମହାସଂଘର ସମ୍ପାଦକ ସପନ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସମାପ୍ତ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ୨୦୨୨ ପାଳିତ



**ଅନୁସନ୍ଧାନ ଭାରତ(ବ୍ୟୁର):** ପ୍ରତି ବର୍ଷ ପରି ଅକ୍ଟୋବର ମାସ ଦ୍ୱିତୀୟ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳିତ ହୁଏ। ସେହିପରି ଗଜପତି ଜିଲ୍ଲାରେ ମଧ ଜିଲ୍ଲା ସ୍ତରୀୟ ପାରଳାଖେମୁଣ୍ଡି ଠାରେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ବିଭାଗ ତରଫରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇ ଯାଇଛି। ଆଜିର କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ଶ୍ରୀ ଲିଙ୍ଗରାଜ ପଣ୍ଡା (ଭା.ପ୍ର.ସେ.) ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶ୍ରୀ ରୋମାଞ୍ଚଳ ଖମାରି, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଜପତି ସମ୍ମାନିତ ଅତିଥି ରୂପେ ଆସନ ଅଳଙ୍କୃତ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଜପତି, ଡା. ଗିରୀଶ କୁମାର ମହାନ୍ତି ସଭାପତି ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଡା ଦିଗମ୍ବର ନାୟକ ଯୁଗ୍ମ ନିର୍ଦ୍ଦେଶକ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା ସରକାର ତଥା ଜିଲ୍ଲା ନୋଡାଲ ଅଧିକାରୀ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ତଥା ସଭାପତି ପ୍ରଥମେ ବିଶ୍ୱ ଅଣ୍ଡା ଦିବସର ମହତ୍ୱ ଓ ଅଣ୍ଡାର ଆବଶ୍ୟକତା ସମ୍ପର୍କରେ ବକ୍ତ୍ୟବ୍ୟ ରଖିବା ପରେ ମୁଖ୍ୟ ଅତିଥି ଗଜପତି ଜିଲ୍ଲା ପରିପେକ୍ଷିରେ ଅଣ୍ଡାର ଆବଶ୍ୟକତା ଓ ଅଣ୍ଡା ଉତ୍ପାଦନରେ ପ୍ରାଣୀ ଚିକତ୍ସା ବିଭାଗର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ମହୋଦୟ ଅଣ୍ଡା ଉତ୍ପାଦନ ଓ ଚାଷୀମାନଙ୍କ ଆୟ ବୃଦ୍ଧିରେ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହା ପରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ତଥା ଅନ୍ୟ ପ୍ରଗତିଶୀଳ ଚାଷୀ ମାନଙ୍କୁ କୁକୁଡା ଓ ବତକ ଅଣ୍ଡା ଉତ୍ପାଦନରେ ଅନନ୍ୟ ଭୂମିକା ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରୂପେ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବାର୍ଦ୍ଧନା ଜ୍ଞାପନ କାରାଯାଇଥିଲା । ସେମାନେ ହେଲେ: ଆଲ୍ଲା ସ୍ୱୟଂ ସହାୟକ ଗୋଷ୍ଠୀ (୧୦୦୦ ଗୋଟି ମାଂସାଳ କୁକୁଡା)–ଗୋଶାଣି ଶ୍ରୀ ବିନାୟକ ସ୍ୱୟଂ ସହାୟକ ଦଳ (୨୦୦ ଗୋଟି ଅଣ୍ଡା ଦିଆ କୁକୁଡା)–କାଶିନଗର ଆରନ୍ତି ଗମାଙ୍ଗୋ (କ୍ଷେତ ପୋଖରୀରେ ୫୦ ଗୋଟି ବତକ ପାଳନ)– ଗୁମ୍ମା ବିଜୟଲକ୍ଷ୍ମୀ ସଞ୍ଚୟ ଦଳ (୨୦୦ ଗୋଟି ଅଣ୍ଡା ଦିଆ କୁକୁଡା)–ରାୟଗଡ଼ ମାନସ ରଞ୍ଜନ ପାତ୍ର (ଚିଆଁ ପାଳନ କେନ୍ଦ୍ର)–ନୂଆଗଡ ମା' ସିଦ୍ଧେଶ୍ୱରୀ ସ୍ୱୟଂ ସହାୟକ ଦଳ (୨୦୦ ଗୋଟି ଅଣ୍ଡା ଦିଆ କୁକୁଡା)-ମୋହନା ରାଜୁ ମଲ୍ଲିକ (୧୦୦୦ ଗୋଟି ଅଣ୍ଡା ଦିଆ କୁକୁଡା) –ମୋହନା ମୁଖ୍ୟ ବକ୍ତା ଆଜିର ଦିବସର ପ୍ରାସଙ୍ଗିକତା ଓ ଗଜପତି ଜିଲ୍ଲା ଅଣ୍ଡା ଉତ୍ପାଦନରେ ଅଗ୍ରଣୀ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡା ବିଧୁତ ଶେଖର ମିଶ୍ର, ଇଉପିଏ ନିର୍ଦ୍ଦେଶକ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ, ପାରଳାଖେମୁଣ୍ଡି ଓ ଡା ଶ୍ରୀକାନ୍ତ ଖଟୁଆ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ବିଶ୍ୱ ଅଣ୍ଡା ଦିବସ ଉପଲକ୍ଷେ ନିଜର ସ୍ୱରଚିତ କବିତା ପଠନ କରିଥିଲେ ସର୍ବଶେଷରେ ଡା ରଶ୍ମିତା ପଣ୍ଡା ଭିଏଏସ ମୋହନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡା ଅଭିଜିତ ମିଶ୍ର ପ୍ରାଣୀ ଚିକିତ୍ସକ, ଉପଲଡା, ଡା ରମାକାନ୍ତ ରଣା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଡା ପ୍ରଶାନ୍ତ କୁମାର ସାମଲ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ଡା ନାରାୟଣ ମହାପାତ୍ର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣିଧନ ଉତ୍ପାଦନ) କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

# ଲାଞ୍ଜିଗଡ଼ ବ୍ଲକ ବିଜୁ ଯୁବ, ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର

**ଅନୁସନ୍ଧାନ ଭାରତ(ବ୍ୟୁର):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୬ ତମ ଜନ୍ମଦିବସକୁ ସ୍ମରଣିୟ କରିବା ପାଇଁ ସମସ୍ତ ବିଧାନସଭା ଓ ବ୍ଲକ ସ୍ତରରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ହେବାକୁ ଥିବା ବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ତେବେ ଏହି କ୍ରମରେ ଆଜି ଲାଞ୍ଜିଗଡ଼ ବ୍ଲକ ବିଜେଡ଼ି ପକ୍ଷରୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବ୍ଲକ ବିଜେଡ଼ି ଓ ବିଜୁ ଯୁବ, ଛାତ୍ର ଜନତା ଦଳର ମିଳିତ ଆନୁକୁଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରଧାନୀ, ଯୁବ ବିଜେଡି ସଭାପତି ଡିଲେଶ କୁମାର ନାଗ, ଜୋନ୧ ଜିଲ୍ଲାପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ଜୋନ ୨ଜିଲ୍ଲାପରିଷଦ ସଦସ୍ୟ ପରିକ୍ଷିତ ନାଏକ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜିବ କୁମାର ନାଏକ, ବିଧାୟକ ପ୍ରତିନିଧି ପ୍ରଦିପ ଘଡ଼େଇ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ବ୍ଲକ ବିଜେଡ଼ି ମିଡିଆସେଲ୍ ସଭାପତି ସନ୍ତୋଷ କୁମାର ତୁଳ, ସମାଜସେବୀ ଶ୍ରୀଧର ପେସନିଆ, ସୁବାଷ ଅଗ୍ରୱାଲ, ହିମାଦ୍ରି ପେସନିଆ, ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, ୧ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ବ୍ଲକ ବିଜେଡ଼ି ଉପସଭାପତି ମୁକେଶ କୁମାର ବେହେରା, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ କୁମାର ପ୍ରଧାନୀ, ପାତ୍ର ମାଝୀ ଯୋଗ ଦେଇଥିଲେ। ରକ୍ତ ଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

**୧୦୫ ୟୁନିଟ ରକ୍ତ ସଂଗ୍ରହ**

# ସର୍ବ ଭାରତୀୟ ନାଭାଲ ନୌ ସୈନିକ କ୍ୟାମ୍ପରେ କେଏସୟୁବି କଲେଜ ଛାତ୍ରଙ୍କ କମାଲ

**ଅନୁସନ୍ଧାନ ଭାରତ(ବ୍ୟୁର):** ସର୍ବ ଭାରତୀୟ ନାଭାଲ ନୌ ସୈନିକ କ୍ୟାମ୍ପ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ୨ତାରିଖ ଠାରୁ ଆରମ୍ଭ ହୋଇ ୧୨ତାରିଖରେ ଶେଷ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୬ଜଣ କ୍ୟାଡେଟ ଏହି ଶିବିରରେ ଯୋଗ ଦେଇଥିଲେ। ଜାତୀୟ ସ୍ତରରେ ଚଳିତ ବର୍ଷ ଓଡିଶା ନିର୍ଦ୍ଦେଶାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ବ୍ରହ୍ମପୁର ଏନସିସି ନାଭାଲ ୟୁନିଟ ପକ୍ଷରୁ ୯ଜଣ କ୍ୟାଡେଟ ଏଥିରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ କ୍ୟାଡେଟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଛାତ୍ର କ୍ୟାଡେଟ ସୁବ୍ରତ କୁମାର ଭୂୟାଁ ବୋଟ ପୁଲିଂରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ଏବଂ ସି ମ୍ୟାନ ସିପରେ ମଧ୍ୟ ଭଲ ପ୍ରଦର୍ଶନ କରିଥିବାରୁ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଥିଲା। ଯାହାର ଫଳ ସ୍ୱରୂପ ଲେଫ୍ଟନାଣ୍ଟ ଗୁରୁ ବିରପାଲ ସିଂଙ୍କ ଠାରୁ ଡ୍ରିଲର ପ୍ରଥମ ଟ୍ରଫି ହାସଲ କରିଛନ୍ତି।

# ଧାମନଗର ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରଚାରକ ତାଲିକାରେ ବିଧାୟକ ଓ ହେବିୱେଟ୍

**ଅନୁସନ୍ଧାନ ଭାରତ(ବ୍ୟୁର):** ଧାମନଗର ଉପନିର୍ବାଚନ ପାଇଁ କଂଗ୍ରେସ ଘୋଷଣା କରିଛି ତାରକା ପ୍ରଚାରକ ତାଲିକା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ଏଜ ୩୦ ଜଣିଆ ତାରକା ପ୍ରଚାରକ ତାଲିକା ଏଆଇସିସି ଅନୁମୋଦନ କରି ଘୋଷଣା କରିଛି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ପ୍ରକାଶିତ ତାଲିକାରେ ଓଡିଶା ପ୍ରଭାରୀ ସାଂସଦ ଡ଼ ଏ ଚେଲ୍ଲା କୁମାରଙ୍କ ସମେତ ସହ ପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜି ରୁଦ୍ରରାଜୁ ଏବଂ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ରହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଥିବାବେଳେ ୩ ଜଣ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଏବଂ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ ରହିଛନ୍ତି। ଅନୁରୂପ ଭାବେ ଉକ୍ତ ତାଲିକାରେ ପୂର୍ବତନ ସାଂସଦ ତଥା ଏଆଇସିସି ପ୍ରଭାରୀ ଭକ୍ତ ଚରଣ ଦାଶ, ଏଆଇସିସି ସମ୍ପାଦକ ଶରତ ରାଉତ ଏଆଇସିସି ସମ୍ପାଦକ ତଥା ସାଂସଦ ସପ୍ତଗିରି ଉଲ୍ଲାକା ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ଅଧିରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗୋ, ସିଏସ ରାଜନ ଏକ୍କା ରହିଥିବା ବେଳେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଓପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ଅନନ୍ତ ସେଠି,ଅଖିଳ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଓଡିଶା ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଯୁବ କଂଗ୍ରେସ ସଭାପତି ଶ୍ରୁତି ରଞ୍ଜନ ଲେଙ୍କା ଓ ଛାତ୍ର କଂଗ୍ରେସ ସଭାପତି ୟାଶୀର ନୱାଜ ରହିଛନ୍ତି।

# ମୁଲାୟମ ସିଂ ଜାଦବଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

**ଅନୁସନ୍ଧାନ ଭାରତ(ବ୍ୟୁର):** ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ମୁଲାୟମ ସିଂ ଯାଦବଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଲାୟମ ସିଂହ ଯାଦବଙ୍କ ବିୟୋଗ ମୋତେ ଗଭୀର ଦୁଃଖ ଦେବା ସହ ମର୍ମାହିତ କରିଛି ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ଶ୍ରୀଯୁକ୍ତ ପଟ୍ଟନାୟକ ସାଂସଦ ଥିବାବେଳେ ମୁଲାୟମ ଜୀଙ୍କ ସହ ମିଶିବାର ସୁଯୋଗ ପାଇଛନ୍ତି। ଜଣେ ମେଳାପୀ, ମିଷ୍ଟଭାସି ଜନନେତା ଭାବେ ପରିଚିତ ଥିଲେ ମୁଲାୟମ ଜି। ସାଂସଦ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଭାବେ ଅନେକ ଗୁଡିଏ ଜନମଙ୍ଗଳ କାର୍ଯ୍ୟ ମୁଲାୟମ ଜି କରିଯାଇଛନ୍ତି। ସମାଜବାଦୀ ଚିନ୍ତାଧାରାରେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତଃ ମୁଲାୟମ ଜି ଶେଷ ପର୍ଯ୍ୟନ୍ତ ସେହି ଚିନ୍ତାଧାରାରେ ଥିଲେ। ତାଙ୍କ ଭଳି ନେତାଙ୍କ (ସ୍ୱର୍ଗତଃ ମୁଲାୟମ ଜୀଙ୍କ) ବିୟୋଗ ଜାତୀୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ।

# ଭଞ୍ଜନଗରରେ ଭିନ୍ନକ୍ଷମ ଚିହ୍ନଟ ଶିବିର

**ଅନୁସନ୍ଧାନ ଭାରତ(ବ୍ୟୁର):** ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭିନ୍ନକ୍ଷମ ଚିହ୍ନଟ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୩୭ ଜଣ ପଞ୍ଜିକରଣ କରିଥିବା ବେଳେ ଅନ୍ଲାଇନ ମାଧ୍ୟମରେ ସେମାନଙ୍କ ପ୍ରମାଣପତ୍ର ଦେବା ବ୍ୟବସ୍ଥା ହୋଇଛି। ଭଞ୍ଜନଗର ମେଡିକାଲ ଅଧୀକ୍ଷକ ଡା.ସୀତାଂଶୁ ଶେଖର ଶତପଥୀଙ୍କ ଅଧ୍ୟକ୍ଷତାରେ ଏହି ବୋର୍ଡରେ ଡା.ଗୋବିନ୍ଦ ବିଶ୍ୱାସ, ଡା.ଲକ୍ଷ୍ମଣ ହାଂସଦା, ଡ଼ା.ବି.ପ୍ରଣବାନନ୍ଦ ପାତ୍ର, ଡ଼ା.ଶର୍ମିଷ୍ଠା ପ୍ରିୟଦର୍ଶିନୀ, ଡ଼ା.ସୁଶାନ୍ତ କୁମାର ବେହେରାଙ୍କ ସହ ମନୋଜ ପ୍ରଧାନ ଏବଂ ଲିଜାଲିନ୍ ମହାଲା ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରିଥିଲେ। ପରେ ଅନ୍ଲାଇନ୍ ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି, ପୂର୍ବରୁ ଏଠାରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ବେଳେ କୋଭିଡ ସମୟରୁ ଏହାକୁ ବନ୍ଦ କରାଯାଇଥିଲା। ଏହାପରେ ଭଞ୍ଜନଗର ଠାରେ ଭିନ୍ନକ୍ଷମମାନଙ୍କ ପାଇଁ ଏହି ଶିବିର କରିବା ନେଇ ବାରମ୍ବାର ଦାବି କରାଯାଇଥିଲା। ଭିନ୍ନକ୍ଷମ ସାର୍ମଥ୍ୟ ଶିବିରରେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଡ଼ିଓ ଶଶିଭୂଷଣ ବେହେରା ଏନେଇ ପୁଣି ଆରମ୍ଭ କରିବା ନେଇ ପ୍ରୟାସ ଆରମ୍ଭ କରିଥିଲେ। ଏଥିସହ କିଛି ସଙ୍ଗଠନ ପକ୍ଷରୁ ମଧ୍ୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ସମୟରେ ଦୃଷ୍ଟି ଆର୍କଷଣ କରାଯାଇଥିଲା। ଏହାପରେ ଉକ୍ତ ଶିବିର ଆରମ୍ଭ ହେବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶନାମା ଜାରି କରିବା ପରେ ଆଜି ଠାରୁ ଏହା ଆରମ୍ଭ ହୋଇଛି।

## ଚୁକ୍ତି ଭିତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ବିଜ୍ଞପ୍ତିକୁ ନେଇ କଂଗ୍ରେସର ସମ୍ବାଦିକ ସମ୍ମିଳନୀ

# ଚୁକ୍ତି ଭିତିକ ନିଯୁକ୍ତି ଭିତରେ ଷଡୁଛନ୍ତି ଆହୁରି ହଜାର ହଜାର କର୍ମଚାରୀ

**ଅନୁସନ୍ଧାନ ଭାରତ(ବ୍ୟୁର):** ରାଜ୍ୟ ସରକାର ଚୁକ୍ତି ଭିତିକି ନିଯୁକ୍ତି ପ୍ରଥାକୁ ଉଚ୍ଛେଦ କରିବାପାଇଁ ଆଜି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ୨୦୧୩ ମସିହାରେ ଚୁକ୍ତି ଭିତିକ ନିଯୁକ୍ତି ପାଇଁ ନିୟମ ପ୍ରଣୟନ କରି ଗ୍ରୁପ 'ବି', ଗ୍ରୁପ 'ସି', ଗ୍ରୁପ 'ଡି' ବର୍ଗର କର୍ମଚାରୀ ମାନଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି କରାଇଥିଲେ। ଏହା ଏକ କୁତ୍ସିତ ପ୍ରଥା ଯାହା ବିରୁଦ୍ଧରେ ଚୁକ୍ତି ଭିତିକ କର୍ମଚାରୀମାନେ ବହୁଦିନ ଧରି ପ୍ରତିବାଦ ଓ ଆନ୍ଦୋଳନ କରି ଆସୁଥିଲେ। ଏହି ପ୍ରଥାକୁ ଉଚ୍ଛେଦ କରି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବାସ୍ତବରେ ଏହା ଠିକା କର୍ମଚାରୀ ମାନଙ୍କର ବହୁଦିନର ଆନ୍ଦୋଳନର ଫଳ ଏବଂ ସେଥିପାଇଁ କଂଗ୍ରେସ ଦଳ ସେମାନଙ୍କୁ ଅଭିନନ୍ଦନ ଜଣାଉଛି। ରାଜ୍ୟ ସରକାର ଏହି ପ୍ରଥାକୁ ଉଚ୍ଛେଦ କରି କର୍ମଚାରୀ ମାନଙ୍କୁ ଭେଟି ଦେଇ ନାହାନ୍ତି ବରଂ ନିଜେ କରିଥିବା କୁକର୍ମର ପ୍ରାୟଶ୍ଚିତ କରିଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପିସିସିର ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଆକ୍ଷେପ କରିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ୫୭ ହଜାର ଠିକା କର୍ମଚାରୀ ଏହି ଚୁକ୍ତି ଭିତିକ ନିଯୁକ୍ତିର ଘୃଣ୍ୟ ପ୍ରଥାରୁ ମୁକ୍ତି ହେବେ। କିନ୍ତୁ ଏହି ପରସଂଖ୍ୟାନର ବାହାରେ ଆହୁରି ହଜାର ହଜାର କର୍ମଚାରୀ ରହିଛନ୍ତି ଯେଉଁମାନେ ଠିକାରେ କାମ କରୁଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ପ୍ରାୟ ୧୦,୦୦୦ ପ୍ରାଥମିକ ସ୍କୁଲରେ ଜୁନିୟର ଶିକ୍ଷକ ଭାବରେ ୧୩ ହଜାର, ଓସେପାରେ ୬ ହଜାର, ଏପରିକି ୨୦୨୦ ମସିହାରେ ନୂଆ ଗ୍ରାଂଟ-ଇନ-ଏଡ ପଲିସ ଅଧିନସ୍ଥ କାର୍ଯ୍ୟରତ ଶିକ୍ଷକ ଓ ଅଧ୍ୟାପକ, ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦିକୁ ମିଶାଇଲେ ଏହି ସଂଖ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ଏମାନେ ମଧ୍ୟ ଠିକା କର୍ମଚାରୀ ଭାବରେ କାର୍ଯ୍ୟ କରୁଛନ୍ତି ଯେଉଁ ମାନଙ୍କର ଚାକିରୀରେ ସ୍ଥାୟୀତ୍ୱ ବା ସୁରକ୍ଷା କିଛି ନାହିଁ କହିଲେ ଚଳେ, ଏମାନଙ୍କ ପ୍ରତି ସରକାର ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରୁଛି। ସଂପ୍ରତି ରାଜ୍ୟରେ ପ୍ରାୟ ୧ଲକ୍ଷ ଆଉଟ ସୋର୍ସିଂ କର୍ମଚାରୀ ଅଛନ୍ତି। ଏମାନେ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ଅଧିନରେ କାର୍ଯ୍ୟରତ । ଅତି କମ୍ ଦରମାରେ ଏମାନେ କାମ କରୁଛନ୍ତି। ଚାକିରୀର ସ୍ଥାୟୀତ୍ୱ ନାହିଁ କିମ୍ବା କର୍ମଚାରୀ ଭାବେ ଯେଉଁ ସାମାଜିକ ନିରାପତା ସେମାନେ ପାଇବା କଥା ତାହା ସେମାନେ ପାଉ ନାହାନ୍ତି। ରାଜ୍ୟ ସରକାର ସେହି କର୍ମଚାରୀ ମାନଙ୍କୁ ଅତ୍ୟନ୍ତ ଦୁର୍ବିସହ ଜୀବନ ବିତାଇବାକୁ ବାଧ କରୁଛନ୍ତି। ଏମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ସେମାନଙ୍କ ନିଯୁକ୍ତି କ୍ଷେତ୍ରରେ ଅସଙ୍ଗତକୁ ସରକାର ତୁରନ୍ତ ଦୂର କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ବର୍ତ୍ତମାନ ରାଜ୍ୟରେ ନାମ ପଞ୍ଜିକୃତ କରିଥିବା ବେକାର ସଂଖ୍ୟା ହେଉଛି ୮ଲକ୍ଷ ୮୦ ହଜାର। କିନ୍ତୁ ରାଜ୍ୟ ସରକାର ବିଭିନ୍ନ ବିଭାଗର ଖାଲି ପଡ଼ିଥିବା ସ୍ଥାନ ସଂଖ୍ୟା ୧ଲକ୍ଷ ୫୬ ହଜାର। ସରକାର ଖାଲି ପଡ଼ିଥିବା ଏହି ପଦବୀ ପୂରଣ କରିବେ କେବେ ? ବିଜେଡ଼ି ଦଳ ବର୍ଷକୁ ୨ଲକ୍ଷ ଚାକିରି ଦେବେ ବୋଲି ନିର୍ବାଚନ ପ୍ରତିଶୃତି ଦେଇଥିଲେ, କୁଆଡ଼େ ଗଲା ସେ ପ୍ରତିଶ୍ରୁତି ? ରାଜ୍ୟର ଲକ୍ଷ ଲକ୍ଷ ଯୁବକ ଯୁବତୀ ବେକାର ହୋଇ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ରାଜ୍ୟର ଯୁବ ସମାଜ ପ୍ରତି ଓଡ଼ିଶା ସରକାରଙ୍କର ଏହା ପ୍ରତାରଣା ବୋଲି କଂଗ୍ରେସ ଅଭିଯୋଗ କରିଛି। ଆଜିର ସାମ୍ବଦିକ ସମ୍ମିଳନୀରେ ଶ୍ରୀ ସୁଦର୍ଶନ ଦାସଙ୍କ ସମେତ ପିସିସିର ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଓ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ।

**ନିଜର କୁକର୍ମର ପ୍ରାୟଶ୍ଚିତ କଲେ ସରକାର**
**ଆଉଟସୋର୍ସିଂ କର୍ମଚାରୀ ମାନଙ୍କ ସମସ୍ୟାକୁ ନେଇ ସରକାରଙ୍କ ପଛଘୁଞ୍ଚା କାହିଁକି ?**

# ସର୍ବ ଭାରତୀୟ ନାଭାଲ ନୌ ସୈନିକ କ୍ୟାମ୍ପରେ କେଏସୟୁବି କଲେଜ ଛାତ୍ରଙ୍କ କମାଲ

**ଅନୁସନ୍ଧାନ ଭାରତ(ବ୍ୟୁର):** ସର୍ବ ଭାରତୀୟ ନାଭାଲ ନୌ ସୈନିକ କ୍ୟାମ୍ପ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହା ଗତ ୨ତାରିଖ ଠାରୁ ଆରମ୍ଭ ହୋଇ ୧୨ତାରିଖରେ ଶେଷ ହୋଇଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୬ଜଣ କ୍ୟାଡେଟ ଏହି ଶିବିରରେ ଯୋଗ ଦେଇଥିଲେ । ଜାତୀୟ ସ୍ତରରେ ଚଳିତ ବର୍ଷ ଓଡିଶା ନିର୍ଦ୍ଦେଶାଳୟ ୪ର୍ଥ ସ୍ଥାନ ଅଧିକାର କରିଛି । ବ୍ରହ୍ମପୁର ଏନସିସି ନାଭାଲ ୟୁନିଟ ପକ୍ଷରୁ ୯ଜଣ କ୍ୟାଡେଟ ଏଥିରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ କ୍ୟାଡେଟ କବି ସମ୍ରାଟ ଉପେନ୍ଦ୍ର ଭ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଛାତ୍ର କ୍ୟାଡେଟ ସୁବ୍ରତ କୁମାର ଭୂୟାଁ ବୋଟ ପୁଲିଂରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ଏବଂ ସି ମ୍ୟାନ ସିପରେ ମଧ୍ୟ ଭଲ ପ୍ରଦର୍ଶନ କରିଥିବାରୁ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଥିଲା । ଯାହାର ଫଳ ସ୍ୱରୂପ ଲେଫ୍ଟନାଣ୍ଟ ଗୁରୁ ବିରପାଲ ସିଂଙ୍କ ଠାରୁ ଡ୍ରିଲର ପ୍ରଥମ ଟ୍ରଫି ହାସଲ କରିଛିଁ ।



# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନ ଅଭିଯୋଗ ଶୁଣାଣୀ

**ଅନୁସନ୍ଧାନ ଭାରତ(ବ୍ୟୁର):** ଗଜପତି ଜିଲ୍ଲା ନୂଆଗଡ ବ୍ଲକ୍ ଅନ୍ତର୍ଗତ ଖଜୁରୀପଦାର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଲିଙ୍ଗରାଜ ପଣ୍ଡା ଓ ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କ ମିଳିତ ଭାବେ ଏହି ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ନୂଆଗଡ ବ୍ଲକର ଖଜୁରୀପଦା, ବଡପଦା, କେ.ଝାଲାର୍ଶୀଙ୍ଗି ଓ ନୂଆଗଡ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ ୯୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୩୪ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା ୫୯ଟି, ଗୋଟିଏ ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି। ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫୦୦୦/- ଟଙ୍କା ପ୍ରଦାନ କରାଯାଇଛି ଏବଂ ଅନ୍ୟ ସବୁ ଅଭିଯୋଗକୁ ତୁରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ରୋମାଞ୍ଚଳ ଖମାରୀ, ପିଏ.ଆଇଟିଡିଏ ଫାଲଗୁନି ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା.ପ୍ରଦୀପ କୁମାର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବେନ୍ଧୁ ମହାନ୍ତି, ତହସିଲଦାର ଆଶିଷ କୁମାର ପ୍ରଧାନ, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ, ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଉଦୟପୁର ଚିନ୍ତନଶିବିର ଘୋଷଣା ହିଁ ମୋ ଇସ୍ତାହାର: ମଲ୍ଲିକାର୍ଜୁନ ଖଡ଼ଗେ

**ଅନୁସନ୍ଧାନ ଭାରତ(ବ୍ୟୁର):** ଆଜି ଏଆଇସିସି ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସାଂସଦ ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେ ଓଡ଼ିଶା ଗସ୍ତରେ ଆସି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭ୍ୟମାନଙ୍କ ବୈଠକରେ ନିଜର ପ୍ରାର୍ଥିତ୍ୱ ସଂପର୍କରେ ଅବତାରଣା କରିବା ସହ ସମସ୍ତଙ୍କୁ ଭୋଟ ଦେବାପାଇଁ ନିବେଦନ କରିଥିଲେ। ଏହି ବୈଠକପରେ ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଗସ୍ତ ସପଂର୍କରେ କହିଥିଲେ। ଶ୍ରୀ ଖଡ଼ଗେଙ୍କ ସହ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ଡଃ ଗୌରବ ବଲ୍ଲଭ ମଧ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିଲେ। ସେ ପ୍ରଥମେ ଶ୍ରୀ ଖଡ଼ଗେଙ୍କର ଦୀର୍ଘ ରାଜନୈତିକ ଜୀବନ, କଂଗ୍ରେସ ଦଳ ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ରାଜନୀତି କ୍ଷେତ୍ରରେ ବିଶାଳ ଅଭିଜ୍ଞତା ସଂପର୍କରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଥିଲେ। ଶ୍ରୀ ବଲ୍ଲଭ ସୂଚନା ଦେଇଥିଲେ ଯେ ଇନ୍ଦିରା ଗାନ୍ଧୀଙ୍କ ସମୟରୁ ସେ କଂଗ୍ରେସ ଦଳରେ ସକ୍ରୀୟ ଭାବେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଆସୁଛନ୍ତି। ପ୍ରାୟ ୫୫ ବର୍ଷ ଧରି ଶୃଙ୍ଖଳା ଓ ନିଷ୍ଠାର ସହ ଦଳର ସେବା କରିଆସୁଛନ୍ତି। ସେ ପ୍ରଥମେ ବ୍ଲକ କଂଗ୍ରେସ ସଭାପତି, ଜିଲ୍ଲା କଂଗ୍ରେସ ଉପସଭାପତି ଓ ସଭାପତି, ପ୍ରଦେଶ କଂଗ୍ରେସ ଉପସଭାପତି ଓ ସଭାପତି, ବିରୋଧି ଦଳ ନେତା ଭାବରେ କାର୍ଯ୍ୟକରି ଆସିଛନ୍ତି। କର୍ଣ୍ଣାଟକ ପ୍ରଦେଶରେ ବହୁବାର ମନ୍ତ୍ରୀ ଏବଂ ନିରବଚ୍ଛିନ୍ନ ଭାବରେ ୯ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଲୋକସଭାକୁ ଦୁଇଥର ଏବଂ ରାଜ୍ୟ ସଭାକୁ ଥରେ ନିର୍ବାଚିତ ହୋଇଛନ୍ତି। ସେ ଲୋକସଭାରେ କଂଗ୍ରେସ ସଂସଦୀୟ ଦଳର ନେତା ଏବଂ ରାଜ୍ୟ ସଭାରେ ବିରୋଧି ଦଳ ନେତା ଭାବରେ ସୂଚାରୁରୂପେ ଦାୟୀତ୍ୱ ନିର୍ବାହ କରିଛନ୍ତି।ଶ୍ରୀ ଖଡ଼ଗେ କହିଥିଲେ ଯେ ସେ ଦୀର୍ଘ ୫୫ ବର୍ଷଧରି ନିଷ୍ଠା ଓ ଶୃଙ୍ଖଳା ସହ ଉତ୍ସର୍ଗୀକୃତ ଭାବେ ଦଳରେ କାର୍ଯ୍ୟ କରିଆସୁଛନ୍ତି। ସେ ତାଙ୍କର ଇସ୍ତାହାର ସଂପର୍କରେ ସୂଚନା ଦେଇ କହିଲେ ଯେ ତାଙ୍କର କିଛି ନୂତନ ଇସ୍ତାହାର ନାହିଁ। ରାଜସ୍ଥାନର ଉଦୟପୁର ଚିନ୍ତନ ଶିବିରରେ ଏଆଇସିସିର ବିଭିନ୍ନ ବିଶେଷଜ୍ଞ କମିଟି ର ଘୋଷଣା ହିଁ ତାଙ୍କର ଇସ୍ତାହାର ବୋଲି ସେ କହିଥିଲେ। ସେହି ଘୋଷଣା ନାମା ଅନୁସାରେ ସାମାଜିକ ନ୍ୟାୟ, କୃଷକ ଓ ଯୁବକମାନଙ୍କର ଅଧିକାର, ଅର୍ଥନୈତିକ ଓ ବୈଦଶିକ ନୀତି ଏବଂ ବିଶେଷ କରି କଂଗ୍ରେସ ସାଂଗଠନିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ସେ ତାଙ୍କର ଆଗାମୀ ସଂଗ୍ରାମ ସଂପର୍କରେ ଏକ ଝଲକ ଦେଇ କହିଲେ ଯେ ଆମକୁ ଦେଶକୁ ରସାତଳଗାମୀ କରୁଥିବା ମୋଦି ସରକାର ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରିବାକୁ ହେବ। ଦରଦାମ ବୃଦ୍ଧି, ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ଦେଶରେ ହିଂସା, ଇର୍ଷା ଓ ଭେଦଭାବ ସୃଷ୍ଟି କରୁଥିବା ମୋଦି, ବିଜେପି ଓ ଆରଏସଏସକୁ ମୁକାବିଲା କରି ଦେଶରେ ଅଖଣ୍ଡତା, ଭାତୃଭାବ, ଶାନ୍ତି, ପ୍ରିତି ଓ ମୈତ୍ରି ବଜାୟ ରଖିବା ହେଉଛି ଆମର କର୍ତବ୍ୟ। ଗଣତନ୍ତ୍ର ଏବଂ ସଂବିଧାନ ଏବେ ବିପଦ ଗ୍ରସ୍ତ। ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ମୋଦି ସରକାରଙ୍କ ଦ୍ୱାରା କବଳିତ । ମୋଦି ସରକାର ଗଣତନ୍ତ୍ରଙ୍କୁ ହତ୍ୟା କରୁଛନ୍ତି। କଂଗ୍ରେସର ନିର୍ବାଚିତ ସରକାର ଯଥା କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦିକୁ ସରକାରୀ କଳର ଅପବ୍ୟବହାର ଓ ଅର୍ଥବଳ ପ୍ରୟୋଗ କରି ମୋଦି ସରକାର ଭାଙ୍ଗି ଦେଇଛନ୍ତି। ଗୋଆ ଓ ମଣିପୁରରେ ମଧ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅବମାନନା କରିଛନ୍ତି। ସାରା ଦେଶରେ ଯେଉଁମାନେ ଅଣବିଜେପି ସରକାର ଗଠନ କରିଛନ୍ତି ସେମାନଙ୍କୁ ଭୀତସ୍ତତ କରାଉଛନ୍ତି। ବିଧାୟକ କିଣି ସରକାର ଗଢ଼ିବା ଏବଂ ନିର୍ବାଚିତ ସରକାରକୁ ଭାଙ୍ଗିବା ମୋଦି ସରକାର ଓ ବିଜେପିର ପ୍ରଧାନ ଲକ୍ଷ୍ୟ। ଦେଶର ସଂପତି ଯାହାକି ଦୀର୍ଘ ଅର୍ଦ୍ଧଶତାବ୍ଦି ଧରି କଂଗ୍ରେସ ସରକାର ସୃଷ୍ଟି କରିଥିଲା ଏବେ ସେ ସବୁକୁ ମୋଦି ତାଙ୍କ କିଛି ନିର୍ଦ୍ଦିଷ୍ଟ ଶିଳ୍ପପତି ବନ୍ଧୁମାନଙ୍କ ହାତରେ ଟେକି ଦେଉଛନ୍ତି। ଯେଉଁମାନେ ମୋଦି ସରକାରଙ୍କ ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୁଦ୍ଧରେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ସିବିଆଇ, ଇଡି ଓ ଆୟକର ବିଭାଗକୁ ଲଗାଇ ହଇରାଣ ହରକତ କରାଯାଉଛି। ଶ୍ରୀ ଖଡ଼ଗେ କହିଥିଲେ ଯେ ଦେଶ ସ୍ୱାଧୀନତା ପାଇଁ ଆରଏସଏସ ବା ବିଜେପି ଦଳର କୌଣସି ଅବଦାନ ନାହିଁ। କଂଗ୍ରେସ ଦଳ ଦେଶକୁ ସ୍ୱାଧୀନତା ଦେଇଛି। ଦେଶ ଗଠନ କରିଛି। ମହାତ୍ମା ଗାନ୍ଧି, ପଣ୍ଡିତ ନେହେରୁ, ବଲ୍ଲଭଭାଇ ପଟେଲ ଏବଂ ସୁଭାଷ ବୋଷଙ୍କ ତ୍ୟାଗ ଓ ତିତୀକ୍ଷାର ପଟାନ୍ତର ନାହିଁ। ଆରଏସଏସ ବ୍ରିଟିଶର ବୋଲକରା ଥିଲା। ବିଜେପି ବା ଆରଏସଏସର କେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଛନ୍ତି ବା କାରାବରଣ କରିଛନ୍ତି ତାହା ବିଜେପି ପ୍ରକାଶ କରୁ। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ହିଁ ମୋର ପ୍ରଧାନ କର୍ତବ୍ୟ ଓ ଲକ୍ଷ୍ୟ।କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧିଙ୍କର ଭାରତ ଯୋଡ଼ ଯାତ୍ରା ଦେଶରେ ବୈପ୍ଳବିକ ପରିବର୍ତନ ଆଣିବ ବୋଲି ସେ କହିଥିଲେ। ବିଜେପି ଦେଶକୁ ଭାଙ୍ଗୁଥିବା ବେଳେ ସମ୍ମାନୀୟ ରାହୁଲ ଗାନ୍ଧୀ ଦେଶକୁ ଯୋଡ଼ି ରଖିବା ପାଇଁ ପ୍ରଚେଷ୍ଟାରତ। ମହଙ୍ଗା ମାଡ଼, ଦୁର୍ନୀତି, ବେରୋଜଗାର, ଦାରିଦ୍ର୍ୟ, ଅର୍ଥନୈତିକ ବୈଷମ ଓ କ୍ଷୁଧା ବିରୁଦ୍ଧରେ ତାଙ୍କର ଏହି ମହାସଂଗ୍ରାମ। ପରିଶେଷରେ ସେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ଦାଶରଥି ଗମାଙ୍ଗୋ, ଅଧିରାଜ ମୋହନ ପାଣିଗ୍ରାହୀ, ପଞ୍ଚାନନ କାନୁନଗୋ, ଗଣେଶ୍ୱର ବେହେରା, ଦେବାଶିଷ ପଟ୍ଟନାୟକ, ରବିନ୍ଦ୍ର ସେଠୀ, ବିଶ୍ୱ ରଞ୍ଜୀନ ମହାନ୍ତି, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ଶୁଭେନ୍ଦୁ ମହାନ୍ତି, ବିଜୟଲକ୍ଷ୍ମି ସାହୁ, ଅଭିଷେକ ମହାନନ୍ଦ, ଜାନକୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ରଣଜିତ ପାତ୍ର, ସୁରେଶ ମହାପାତ୍ର, ଯଜ୍ଞେଶ୍ୱର ବାବୁ, ଭୁଜବଳ ମାଝୀ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ବଟକୃଷ୍ଣ ରାଉତରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଯୋଗିନାଥ ବାହୁବଳେନ୍ଦ୍ର, ପଦ୍ମାକର ଗୁରୁ, ପ୍ରଦୀପ ମହାପାତ୍ର, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ପ୍ରକାଶ ମିଶ୍ର, ଲିଙ୍କରାଜ ସାହୁ, ନିରଞ୍ଜୀନ ନାୟକ, ଚିନ୍ମୟ ପ୍ରସାଦ ବେଉରା, ଯୁଧିଷ୍ଠୀର ଜେନା, ସୁଦର୍ଶନ ଦାସ, ରଜନୀ ମହାନ୍ତି, ପ୍ରଶାନ୍ତ ଶତପଥି, ଅମୀୟ ପାଣ୍ଡବ, ଲିଙ୍ଗରାଜ ଚୌଧୁରୀ, ଶ୍ରୀମତୀ ସନ୍ଧ୍ୟାରାଣି ମହାପାତ୍ର, ସ୍ମୃତି ରଞ୍ଜୀନ ଲେଙ୍କା, ଅମୀୟ ପଟ୍ଟନାୟକ, ଶ୍ରୀମତୀ ବନ୍ଦିତା ପରିଡ଼ା, ଲୋକନାଥ ମହାରଥି, ଦୀପକ ସାହୁ, କୁସୁମ ପ୍ରଧାନ, ଶ୍ରୀୟା ମହାନ୍ତି, ଜ୍ଞାନ ରଞ୍ଜୀନ ପଟ୍ଟନାୟକ, ରବିନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ୧୨୭ ବାଟା ଲିୟନ ସିଆରପିଏଫ୍ ପକ୍ଷରୁ ନିଆରା ପ୍ରୟାସ, ଦ୍ୱାରା ମାଓ ପ୍ରବଣ ଅଞ୍ଚଳରେ ୧୪ ତମ ଆଦିବାସୀ ଯୁବା ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଗୃହମନ୍ତ୍ରାଳୟ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ଦ୍ୱାରା ମାଓ ପ୍ରବଣ ଅଞ୍ଚଳରେ ୧୪ ତମ ଆଦିବାସୀ ଯୁବା ଆଦାନ ପ୍ରଦାନ କାର୍ଯ୍ୟକ୍ରମ (14th tribal youth exchange program)ଆୟାଜନର ପ୍ରଥମ କାର୍ଯକ୍ରମ ୧୨୭ ବାଟଲିୟନ ସିଆରପିଏଫ୍ ଏବଂ ନେହୁରୁ ଯୁବା କେନ୍ଦ୍ର ଫୁଲବାଣୀ ଦ୍ୱାରା ତାରିଖ ୧୬/୧୦/୨୦୨୨ ଠାରୁ ୨୨/୧୦/୨୦୨୨ ପର୍ଯ୍ୟନ୍ତ ଅହମଦାବାଦ ଗୁଜୁରାଟ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡିଶାରୁ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକର ୪୦ ଜଣ ଆଦିବାସି ଛାତ୍ର ଛାତ୍ରୀ ତାରିଖ ୧୩/୧୦/୨୦୨୨ରେ ଅହଂମ୍ଦାବାଦ ଗୁଜୁରାଟ ପଠାଯିବ । ପ୍ରଥମ ଥର କାର୍ଯ୍ୟକ୍ରମ ତାରିଖ ୧୨/୧୦/୨୦୨୨ ରେ ୧୨୭ ବାଟାଲିୟନ ସଆରପିଏଫ ଦ୍ୱାରା ବାଲିଗୁଡା ସ୍ଥିତ ସଭାଗୃହରେ ସକାଳ ୧୦.୩୦ ସମୟରୁ ଅପରାହ୍ନ ୨ ଘଟିକା ସମୟ ପର୍ଯ୍ୟନ୍ତ ପ୍ରତିଯୋଗୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଛି। ପ୍ରତିଯୋଗୀଙ୍କୁ ୧୨୭ ବାଟାଲିନର କମାଣ୍ଡେଣ୍ଟ ଶ୍ରୀ ଆନନ୍ଦ ଝା, ଉପ କମାଣ୍ଡେଣ୍ଟ ଶ୍ରୀ ଅଜିତ ସି ବାବୁ, ଏସ ଡି ପି ଓ ଶ୍ରୀ ଜି ଆର ରାଘବେନ୍ଦ୍ର ବାଲିଗୁଡା ଉପଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ଶ୍ରୀ ନବନିତ୍ କୁମାର DYO ଫୁଲବାଣୀ (ନେହେରୁ ଯୁବ।କେନ୍ଦ୍ର) ଦ୍ୱାରା କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଆଦିବାସୀ ଯୁବା ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ କରିବା ଏବଂ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରିତ କରାଯାଉଛି। ସେମାନଙ୍କ ପାରମ୍ପାରିକ ସଂସ୍କୃତିକ ବିକାଶ କୁ ସମୃଦ୍ଧ କରିବା ତଥା ସଂସ୍କୃତି କଳା ଭାଷା ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବିଚାରର ଆଦାନ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ କମାଣ୍ଡେଣ୍ଟ ଶ୍ରୀ ଆନନ୍ଦ ଝା, ଉପ କମାଣ୍ଡେଣ୍ଟ ଶ୍ରୀ ଅଜିତ୍ ସି ବାବୁ, ସହାୟକ କମାଣ୍ଡେଣ୍ଟ ଶ୍ରୀ କୁମାର ରାଘବେନ୍ଦ୍ର ଏବଂ ସହାୟକ କମାଣ୍ଡେଣ୍ଟ ଶ୍ରୀ ପ୍ରଦୀପ ପି. କେ ଏବଂଏହି କାର୍ଯ୍ୟକ୍ରମରେ ୧୨୭ ବାଟାଲିନର ସମସ୍ତ ଯବାନ ଉପସ୍ଥିତ ଥିଲେ।



# ସମାଜ ସେବୀ ଓ ଜାତୀୟ ସ୍ୱେଚ୍ଛାସେବୀ ତଥା କାର୍ଲାମୁଣ୍ଡା ବିଡ଼ିଓଙ୍କ ମହାନତା, ବାପା ମା'ଛେଉଣ୍ଡ ତିନି ଶିଶୁଙ୍କୁ ଆଶିର୍ବାଦ ଯୋଜନାରେ କଲେ ସାମିଲ

**ଅନୁସନ୍ଧାନ ଭାରତ(ବ୍ୟୁର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଓଡ଼ିଆମୁଣ୍ଡା ଗାଁର କରୁଣା ବାଗ ତାଙ୍କ ପତ୍ନୀ ମଲ୍ଲୀ ବାଗ, ବଡ଼ ଝିଅ ନୟନୀ ବାଗ( ୨୨ ), ପୁଅ ପପୁ ବାଗ( ୧୫ ), ଝିଅ ଅଙ୍କିତା ବାଗ( ୧୨ )ଙ୍କୁ ନେଇ ତାଙ୍କ ପରିବାର ବେଶ ଖୁସିରେ ରହୁଥିଲେ। କୁଲି ମଜୁରୀକରୀ ପରିବାର ପୋଷଣ କରୁଥିଲେ। କୋଭିଡ ସମୟରେ ରୋଗରେ ପଡ଼ି ଗତବର୍ଷ ମେ ୨୦ ତାରିଖରେ କରୁଣାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀର ପରଲୋକ ପରେ ତିନି ସନ୍ତାନଙ୍କୁ ନେଇ ବହୁ କଷ୍ଟରେ ପରିବାର ଚଳାଉଥିଲେ ମଲ୍ଲୀ ବାଗ। ହେଲେ ଗତ ୭ ତାରିଖ ତାଙ୍କର ମଧ ମୃତ୍ୟୁ ଘଟିଥିଲା। ମାଙ୍କ ମୃତ୍ୟୁ ପରେ ଦୁଇ ଭାଇ ଭଉଣୀଙ୍କ ସବୁ ବୋଝ ବଡ଼ ଝିଅ ନୟନୀଙ୍କ ଉପରେ। ଅର୍ଥ ଅଭାବରୁ ପପୁ ଯୁକ୍ତ ଦୁଇରେ ନାମ ଲେଖାଇ ପାରିନାହାନ୍ତି। ଏହି ସମସ୍ୟା ବିଷୟରେ କୌଣସି ମତେ ଜାଣି ସମାଜସେବୀ ଯଶୋବନ୍ତ ରଣା ଓ ସ୍ୱେଚ୍ଛାସେବୀ ସନତ କୁମାର ସାହୁ କରଲାମୁଣ୍ଡା ବିଡ଼ିଓଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନା, ରେଡ କ୍ରସ ପାଣ୍ଠିରୁ କିଛି ଆର୍ଥିକ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ତୁରନ୍ତ କରଲାମୁଣ୍ଡା ବିଡ଼ିଓ ସିଧେଶ୍ୱର ମେହେର ସେମାନଙ୍କୁ ଭବାନୀପାଟଣା ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ପାଖକୁ ନେଇ ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ତିନି ଶିଶୁଙ୍କୁ ନିଜ ଗାଡ଼ିରେ ଡିସିପିଓ ଅଫିସ ଆଣି ସେମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରିଛନ୍ତି। ସେମାନଙ୍କୁ ପ୍ରତି ମାସରେ ଦୁଇଜଣଙ୍କୁ ୩ ହଜାର ଟଙ୍କା ମିଳିବ। ରାଧେଶ୍ୟମ ବାଗ କାର୍ଲମୁଣ୍ଡା ବିଡ଼ିଓଙ୍କୁ ଜଣାଇବା ପରେ ବିଡ଼ିଓ ତୁରନ୍ତ ପଦକ୍ଷପ ନେଇ ଥିଲେ। ବିଡିଓଙ୍କ ମହାନତା ପାଇଁ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସା ସୁଅଛୁଟୁଛି। ଏହା ସହ ବିଡ଼ିଓଙ୍କ ସହ ଯୋଗାଯୋଗ କରିଥିବା ସମାଜସେବୀ ଯଶୋବନ୍ତ ରଣା ଓ ସ୍ୱେଚ୍ଛାସେବୀ ସନତ କୁମାର ସାହୁଙ୍କୁ ମଧ ବେଶ୍ ପ୍ରଶଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ଗଡ଼ ଅଞ୍ଚଳର ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି ଧରାକୋଟ ରାଜା ସାହେବା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ

**ଅନୁସନ୍ଧାନ ଭାରତ(ବ୍ୟୁର):** ଧରାକୋଟ ଗ୍ରାମର ରାଜା କୃଷ୍ଣ ସିଂହ ହୁଅନ୍ତୁ କିମ୍ବା ରାଜା ମଦନ ମୋହନ ହୁଅନ୍ତୁ କିମ୍ବା ରାଜା ଅନନ୍ତ ନାରାୟଣ ହୁଅନ୍ତୁ କିମ୍ବା ରାଜା କିଶୋର ଚନ୍ଦ୍ର ପ୍ରତେକଙ୍କ ରାଜତ୍ୱ ସମୟରେ ଧରାକୋଟ ଗଡ଼ ଦେଖିଛି ଉନ୍ନତିର ଭିନ୍ନ ସୋପାନ। ଧରାକୋଟ ରାଜପରିବାରର ପ୍ରତ୍ୟେକ ସଦସ୍ୟ ସବୁ ସମୟରେ ଲୋକମାନଙ୍କର ସୁଖ ଦୁଃଖରେ ଠିଆ ହୋଇ ଆସିଛନ୍ତି। ଅନ୍ୟମାନଙ୍କ ଆଗରେ ଏହା ରାଜନୈତିକ କ୍ରୀଡାଙ୍ଗନ ହୋଇପାରେ। କିନ୍ତୁ ଆମପାଇଁ ଏହା ପରମ୍ପରା ପାଲଟିଛି। ଏହାକୁ ଆଉ ଗୋଟିଏ ପାଦ ଆଗକୁ ନେବାକୁ ଯାଇ ଆରମ୍ଭ ହୋଇଛି ଜନ ପଦ ଯାତ୍ରା। ପ୍ରତ୍ୟେକ ଗାଁ, ପ୍ରତ୍ୟେକ ଘର ସହିତ ଆମେ ଯୋଡି ହେବାକୁ ଚାହୁଁଛୁ। ଆପଣମାନଙ୍କ ସହ ଯୋଗ ବିନା ସମ୍ପର୍କର ଏହି ସୁଦୃଢ ସେତୁବନ୍ଧ ତିଆରି କରିବା ସମ୍ଭବ ନୁହେଁ। ତେଣୁ ଧରାକୋଟ ଗଡ଼ର ରାଜା ଭାବେ ମୁଁ ସମସ୍ତଙ୍କୁ ନିବେଦନ କରୁଛି ରାଜ ପରିବାର ହାତ ମୁଠାକୁ ଟାଣ କରନ୍ତୁ। ଆମ ପଛରେ ନୁହେଁ ଆମ ସାଥିରେ ଚାଲନ୍ତୁ। ଜନ ସାଧାରଣଙ୍କୁ ଏହି ଆହ୍ୱାନ ଦେଇଛନ୍ତି ଧରାକୋଟ ରାଜା ସାହେବା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ। ବର୍ତ୍ତମାନ ଗାଁକୁ ଗାଁ ବୁଲି ନିଜ ସପକ୍ଷରେ ଜନମତ ଆଣିବାକୁ ଆପ୍ରଣ ଉଦ୍ୟମ କରୁଛନ୍ତି ଧରାକୋଟ ରାଜା ସାହେବା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ।

### ମିଶନ ଶକ୍ତି ମା ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## 'ମିଶନ ଶକ୍ତି ଆମ ଦକ୍ଷତା ବୃଦ୍ଧି କରିଛି, ସମାଜରେ ନାରୀ ମାନଙ୍କ ପ୍ରତିଷ୍ଠା ବୃଦ୍ଧି କରିଛି'

ଅନୁସନ୍ଧାନ ଭାରତ(ବ୍ୟୁର): ଆଜି ସମ୍ମରେ ନବୀନ ନିବାସଠାରେ ବାଲେଶ୍ୱର, ମୟୁରଭଂଜ ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ ଫେଡେରେଶନର ମିଶନ ଶକ୍ତି ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ଭୁବନେଶ୍ୱରକୁ ସେମାନେ ପ୍ରଶିକ୍ଷଣ ପାଇଁ ଆସିଥିବା ଅବସରରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ମିଶନ ଶକ୍ତି କାର୍ଯ୍ୟକ୍ରମରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ଏହାଦ୍ୱାରା ସେମାନଙ୍କର ଦକ୍ଷତା ବୃଦ୍ଧି ହେବା ସହିତ ବିଭିନ୍ନ ବ୍ୟବସାୟ ଜରିଆରେ ଆର୍ଥିକ ଉନ୍ନତି ଆସିପାରିଛି । ନିଜେ ରୋଜଗାର କରିପାରୁଥିବା ଯୋଗୁ ଆଜି ସମାଜରେ ସେମାନଙ୍କର ପ୍ରତିଷ୍ଠା ବୃଦ୍ଧି ପାଇଛି ବୋଲି ସେମାନେ ଖୁସି ପ୍ରକାଶ କରିଥିଲେ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ସେମାନଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆସିପାରିଛି ବୋଲି ସେମାନେ କହିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ କାମର ପ୍ରଶଂସା କରିବା ସହିତ ଓଡିଶାର ବିକାଶରେ, ବିଶେଷକରି ଗ୍ରାମାଞ୍ଚଳର ମାମାନେ ବହୁତ ଭଲ କାମ କରୁଛନ୍ତି ଓ ଆଗକୁ ଏହିପରି କାମ ଜାରି ରଖିବେ ବୋଲି ସେ ଆଶାପ୍ରକାଶ କରିଥିଲେ। ଏହି ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ ।

## ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଅନୁସନ୍ଧାନ ଭାରତ(ବ୍ୟୁର):** ଧରାକୋଟ ବ୍ଲକ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ପଞ୍ଚାୟତ, ଜାହାଡା ଗ୍ରାମ ପଞ୍ଚାୟତ, ଜଗମୋହନ ପଞ୍ଚାୟତ ଠାରେ ଆଜି ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ସବୁ ପଞ୍ଚାୟତର ସମସ୍ତ ଗ୍ରାମକୁ ସାନଖେମୁଣ୍ଡି ପୂର୍ବତନ ବିଧାୟିକା ଶ୍ରୀମତୀ ନନ୍ଦିନୀ ଦେବୀ, ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଅଞ୍ଜଳୀ ସ୍ୱାଇଁ, ବ୍ଲକ ଅଧକ୍ଷା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ମାଧୁରୀ ସ୍ୱାଇଁ, ୨୯ନଂ ଜୋନ ଜିଲ୍ଲା ପରିଷଦ, ବ୍ଲକ ସଭାପତି, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଏବଂ ବିଜୁ ଜନତା ଦଳର ସମସ୍ତ କର୍ମକର୍ତା। ଉପସ୍ଥିତ ରହି ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇବା ସହ ଅଂଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ଥିଲେ।

## ଗଞ୍ଜାମ ଜିଲ୍ଲା ବିଜୁ ମହିଳା ଜନତା ଦଳ ସାଧାରଣ ସମ୍ପାଦିକା ଭାବେ ସ୍ୱର୍ଣ୍ଣଲତା ସାବତ ମନୋନିତ

**ଅନୁସନ୍ଧାନ ଭାରତ(ବ୍ୟୁର):** ଗଞ୍ଜାମ ଜିଲ୍ଲା ବିଜୁ ମହିଳା ଜନତା ଦଳ କମିଟିରେ ସାଧାରଣ ସମ୍ପାଦିକା ଭାବେ ବ୍ରହ୍ମପୁର ମହାନଗର ଲାଞ୍ଜିପଲ୍ଲୀ ଗ୍ରାମର ସ୍ୱର୍ଣ୍ଣଲତା ସାବତଙ୍କୁ ମନୋନୀତ କରାଯାଇଛି। ପୂର୍ବରୁ ସେ କାର୍ପୋରେଟର ମଧ ଅଛନ୍ତି। ନୂଆଁ ପଦ ପାଇଥିବାରୁ ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ସାଧାରଣ ସମ୍ପାଦିକା ସ୍ୱର୍ଣ୍ଣଲତା ସାବତ। ଏହା ସହ ରାଜ୍ୟ ମହିଳା ସଭାନେତ୍ରୀ ମାନ୍ୟବର ଶ୍ରୀମତୀ ସେଂହାଙ୍ଗିନୀ ଛୁରିଆ, ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ମହିଳା ସଂଗଠନକୁ ଆଗକୁ ନେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଲୋକାଭିମୁଖୀ କାର୍ଯ୍ୟକୁ ଘରେ ଘରେ ପହଞ୍ଚେଇବାକୁ ସଦାସର୍ବଦା ମୋର ଚେଷ୍ଟା ରହିବ ବୋଲି ଜଣାଇଛନ୍ତି ନବ ମନୋନିତ ମହିଳା ସାଧାରଣ ସମ୍ପାଦିକା ସ୍ୱର୍ଣ୍ଣଲତା ସାବତ ପ୍ରତିକ୍ରିୟା ଦେଇଛନ୍ତି।

## ଗଦାପୁର ଠାରେ ବାଲ୍ୟବିବାହ ଓ ଶିଶୁ ଅଧିକାର ସମ୍ପର୍କିତ କର୍ମଶାଳା

ଅନୁସନ୍ଧାନ ଭାରତ(ବ୍ୟୁର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଗଦାପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ବାଲ୍ୟ ବିବାହ,ନଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷା ସମ୍ପର୍କିତ ଏକ କର୍ମ ଶାଳା ଅନୁଷ୍ଠିତ ହୋଇଯାଇଛି । ଗଦାପୁର ସରପଞ୍ଚ କୁମାରୀ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ମଦନ ସ୍ୱାଲ ସିଂ, ସହ ନିର୍ଦ୍ଦେଶକ ଟି.ଫ୍ରାଞ୍ଚିସ କହଁର, ମୂଖ୍ୟ ଯାଜକ କରୁଣା କର ଦିଗାଲ, ପ୍ରେମପ୍ଲାନ ଅନୁଷ୍ଠାନର କର୍ମୀ ରସେନ୍ତ ପାଲଟା ସିଂ, ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଆଲିନ ନାୟକ ଓ ରୋଶିନୀ ଏକ୍କା ଯୋଗ ଦେଇ କିପରି ବାଲ୍ୟ ବିବାହ ରୋକି ପାରିବେ, ଶିଶୁ ଶ୍ରମିକ, ଭିକ୍ଷା ବୃତ୍ତି,ଶିଶୁ ନିର୍ଯ୍ୟାତନା,ସବୁ ଶିଶୁ କିପରି ବିଦ୍ୟାଳୟ ଯାଇ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ ଏହି ସମସ୍ତ ବିଷୟରେ ଉପସ୍ଥିତ ଶିଶୁ ଓ ଅଭିଭାବକମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏତଦ ବ୍ୟତୀତ ପ୍ରେମପ୍ଲାନ ଅନୁଷ୍ଠାନରୁ ରସେନ୍ତ ପାଲଟା ସିଂ ଓ ସୁଧାକର ନାୟକ ଯୋଗ ଦେଇ ଶିଶୁ ଅଧିକାର ଓ ବାଲ୍ୟ ବିବାହକରିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗଦାପୁର ଓ ସାରାମୁଲି ପଞ୍ଚାୟତର ସରପଞ୍ଚ, ୱାର୍ଡ ସଭ୍ୟ ସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଏସ ଏମ୍ ସି କମିଟି ସଦସ୍ୟଙ୍କ ସମେତ ଅଞ୍ଚଳର ପ୍ରାୟ ପନ୍ଦରଟି ଗ୍ରାମରୁ ଶିଶୁ ଓ ଅଭିଭାବକମାନେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର କର୍ମୀ ଦିବ୍ୟସିଂହ ସଭାସୁନ୍ଦର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## କନ୍ଧମାଳ ଜିଲ୍ଲାକୁ ଖୁବ୍‌ଶୀଘ୍ର ମାଓମୁକ୍ତ କରାଯିବ: ଆଇଜି



ଅନୁସନ୍ଧାନ ଭାରତ(ବ୍ୟୁର): କନ୍ଧମାଳ-କଳାହାଣ୍ଡି ଜିଲ୍ଲା ସୀମାନ୍ତ ବାଲିଗୁଡ଼ା ଥାନା ଅଧୀନ କଣାସଲୁ ଜଙ୍ଗଲରେ ଗତକାଲି ପୁଲିସ ଏନ୍?କାଉଣ୍ଟରରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ମୃତ ମହିଳା ମାଓବାଦୀର ପରିଚୟ ମିଳିପାରି ନାହିଁ। ସେ ଛତିଶଗଡ଼ ମାଓ କ୍ୟାଡ?ର୍ ହୋଇ ଥାଇପାରେ ବୋଲି ବୁଧବାର ଦିନ ଫୁଲବାଣୀଠାରେ ଆଇଜି (ଅପରେସନ୍?) ଅମିତାଭ ଠାକୁର ସୂଚନା ଦେଇଛନ୍ତି। ଆଖପାଖର ରକ୍ତଛିଟାରୁ ଅନୁମାନ କରାଯାଉଛି, ଅନେକ ମାଓବାଦୀ ଛତ୍ରଭଙ୍ଗ ଦେବା ପୂର୍ବରୁ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ବୁଧବାର ଦିନ କନ୍ଧମାଳ ଏସ୍?.ପି.ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଇଜି ଶ୍ରୀ ଠାକୁର କହିଥିଲେ, ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ମାଓବାଦୀମାନେ ବେଶ୍ ସକ୍ରିୟ ଅଛନ୍ତି। ମାଓ କାର୍ଯ୍ୟକଳାପକୁ ବ୍ୟାପକ କରିବା ପାଇଁ ସେମାନେ କନ୍ଧମାଳକୁ ଟାର୍ଗେଟ୍? ଅଞ୍ଚଳ ଭାବେ ଗ୍ରହଣ କରିଛନ୍ତି। ତେବେ, ମାଓବାଦୀଙ୍କ ଏ ଚାଲ୍? ଆଉ ସଫଳ ହେବନି। ଏଥିପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଛି। କନ୍ଧମାଳକୁ ଖୁବ୍?ଶୀଘ୍ର ମାଓମୁକ୍ତ କରାଯିବ ବୋଲି କହିଛନ୍ତି। ଆହୁରି ମଧ୍ୟ ସୂଚନାଦେଇ କହିଥିଲେ, ବର୍ତ୍ତମାନ ସୁଦ୍ଧା କନ୍ଧମାଳ-କଳାହାଣ୍ଡି ସୀମାବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ପାଖାପାଖି ୭୦ ଜଣ ହାର୍ଡ଼କୋର୍ ମାଓ କ୍ୟାଡ?ର୍ ସକ୍ରିୟ ରହିଛନ୍ତି। ମାଓବାଦୀମାନେ ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଆସନ୍ତୁ ଏବଂ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଥଇଥାନ ପ୍ୟାକେଜ୍?ର ଲାଭ ଉଠାନ୍ତୁ ବୋଲି ଶ୍ରୀ ଠାକୁର ଆହ୍ୱାନ ଦେଇଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୁଲିସ ନିର୍ଦ୍ଦେଶକ (ଗୁଇନ୍ଦା) ସଂଜୀବ କୁମାର ପଣ୍ଡା, ବିଏସ୍?ଏଫ୍? କମାଣ୍ଡାଣ୍ଟ ସଞ୍ଜୀବ କୁମାର ଶର୍ମା, ସିଆରପିଏଫ୍? କମାଣ୍ଡାଣ୍ଟ ବି.ଏନ୍?.ଝା ଓ ବିଏସ୍?ଏଫ୍? ଡେପୁଟି କମାଣ୍ଡେଣ୍ଟ ଉମେଶ ଚନ୍ଦ୍ର ରାଠୋର ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦନ ଦୁଃଖ ପାରିଶ୍ରମିକ ମାଗିବାରୁ ଦଲାଲଙ୍କ ଜଘନ୍ୟ କାଣ୍ଡ; ଶ୍ରମିକଙ୍କ ପାଦ, ପାପୁଲି କାଟିଦେଲେ

**ଅନୁସନ୍ଧାନ ଭାରତ(ବ୍ୟୁର):** ଉତ୍ତରପ୍ରଦେଶରେ କାମ କରୁଥିବା ଗଜପତି ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କ ହାତ ପାପୁଲି ଓ ପାଦ କାଟି ଦେଇଛନ୍ତି ଦଲାଲ। ମଦ ପିଆଇ ଅଚେତ କରିବାପରେ ଏଭଳି ଅମାନୁଷିକ କାଣ୍ଡ ଘଟାଇଛନ୍ତି। ଏହାପରେ ଗାଁରେ ଆଣି ଛାଡ଼ି ଦେଇଛନ୍ତି। ନିଜର ପାରିଶ୍ରମିକ ମାଗିବାରୁ ସମ୍ପୃକ୍ତ ଦାଦନ ଶ୍ରମିକଙ୍କୁ ଏହିଭଳି ଅବସ୍ଥା ଭୋଗିବାକୁ ପଡ଼ିଥିବା ଜଣାପଡ଼ିଛି। ଏହି ଦାଦନ ଶ୍ରମିକ ହେଲେ, ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ଦମାଦୁଆ ପଞ୍ଚାୟତ କଲବା ଗ୍ରାମର ଶାଙ୍କ ମୁର୍ମୁ। ଗତ ମାସ ୧୩ ତାରିଖରେ ବିରିକୋଟି ପଞ୍ଚାୟତ ହରଭଙ୍ଗି ଗ୍ରାମର ଠିକାଦାର ଆଦର ବର୍ଦ୍ଧନ ଏକ ସିମେଣ୍ଟ ଫ୍ୟାକ୍ଟ୍ରିରେ କାମ କରାଇବା ପାଇଁ ଉତ୍ତରପ୍ରଦେଶ ଯିବାକୁ ଶାଙ୍କଙ୍କୁ କହିଥିଲେ। ମାସିକ ୨୦ହଜାର ଟଙ୍କା ବେତନ ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲେ। ଶାଙ୍କ ଆଉ ୭ଜଣଙ୍କୁ ମଧ୍ୟ ରାଜି କରାଇଥିଲେ। ସେଠାରେ ପହଞ୍ଚିବାର ଦୁଇ ଦିନପରେ ଶାଙ୍କୁ ଓ ଅନ୍ୟମାନେ ସିମେଣ୍ଟ କମ୍ପାନିରେ କାମ କରିଥିଲେ। ସପ୍ତାହେ କାମ କରିବା ପରେ ଶାଙ୍କ ତାଙ୍କର ପାରିଶ୍ରମିକ ମାଗିଥିଲେ। ବାସ୍, ପ୍ରାପ୍ୟ ମାଗିବା ପରେ ନିଜର ଅସଲ ରୂପ ଦେଖାଇଥିଲେ ଦଲାଲ। ଶାଙ୍କୁ ଖୁବ୍ ମା ପିଟ୍ କରିଥିଲେ।



ଏହାପରେ ମଦ ପିଆଇ ଅଚେତ କରିବା ସହିତ ତାଙ୍କ ବାମ ଗୋଡ଼ର ପାଦ ଓ ଡାହାଣ ହାତ ପାପୁଲି କାଟି ଦେଇଥିଲେ। ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଶାଙ୍କଙ୍କୁ ଝାନ୍ସୀର ଏକ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ୨ ଦିନ ରହିଥିଲେ। ଏହାପରେ ଗତ ମାସ ୩୦ ତାରିଖରେ ଶାଙ୍କଙ୍କୁ ତାଙ୍କ ଗାଁରେ ଆଣି ଛାଡ଼ି ପଳାଇଥିଲେ ଦଲାଲ୍ ?। ଗଲାବେଳେ ଏହି କଥା ପୁଲିସକୁ ନଜଣାଇବାକୁ ଚେତାବନୀ ଦେଇଥିଲେ। ପୁଲିସ୍ ?କୁ ଜଣାଇଲେ ମାରିଦେବାକୁ ଧମକ ବି ଦେଇ ଚାଲିଗଲେ। ଏମିତିକି ତାଙ୍କ ସହ ତାଙ୍କ ପିଲାଛୁଆଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ ଦଲାଲ। ଏହି ଘଟଣା ପରେ ପୁଲିସରେ ଅଭିଯୋଗ କରିବା ପାଇଁ ସାହସ କରିପାରି ନଥିଲେ ଶାଙ୍କ। ତେବେ ଆପଣାଛାଏଁ କଥାଟା ପ୍ରଘଟ ହେବାପରେ ପୁଲିସ ନିଜଆଡୁ ଶାଙ୍କଙ୍କୁ ମୋହନା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବାସହ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଶାଙ୍କଙ୍କ ପତ୍ନୀ ସୁଶିଳା ମୁର୍ମୁ କହିଛନ୍ତି, ତାଙ୍କ ସ୍ୱାମୀ ଦାଦନ ଖଟିବାକୁ ଯିବାକୁ ରାଜି ନଥିଲେ। ସେମାନେ ଜୋରଜବରଦସ୍ତ ତାଙ୍କୁ ନେଇ ଯାଇଥିଲେ। ସେଠାକୁ ସ୍ୱାମୀ ଯିବାର କିଛିଦିନ ପରେ ସେମାନେ ଫୋନ୍ କରି ତାଙ୍କ ହାତ ପାପୁଲି ଓ ଗୋଡ଼ କଟି ଯାଇଥିବା କହିଥିଲେ। ପରିବାର କହିଲେ ଘରେ ତାଙ୍କ ସ୍ତ୍ରୀ ଓ ଦୁଇ ନାବାଳକ ଝିଅ ଓ ପୁଅ ଅଛନ୍ତି। ଶାଙ୍କ ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ଏବେ ସପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ଅର୍ଥ ଅଭାବରୁ ସେ ନିଜଘରେ ପଡ଼ି ଚେରମୂଳି ବାଟି ସେଥିରେ ଲେପଦେଇ ପ୍ରଭୁଙ୍କୁ ଆଶ୍ରାକରି ପଡ଼ି ରହିଥିଲେ। ଯଦି ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଆନ୍ତା, ତା'ହେଲେ ସେ ଅତିଶୀଘ୍ର ଆରୋଗ୍ୟ ହୋଇପାରନ୍ତେ ବୋଲି କୋହଭରା କଣ୍ଠରେ ସେ କହିଛନ୍ତି।

## କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ବ୍ୟାପୁଛି ଝାଡ଼ାବାନ୍ତି

**ଅନୁସନ୍ଧାନ ଭାରତ(ବ୍ୟୁର):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୬ ଦିନ ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳବନ୍ଦି ଅଞ୍ଚଳ ପୋଡ଼ାପଦର ପଞ୍ଚାୟତ ଭିତରଡୁଙ୍ଗା ଗ୍ରାମର ଘାସେନ ମାଝୀ (୬୫)ଙ୍କ ବୁଧବାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଥିସହ ଗାଁର ବହୁ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ପୂର୍ବତନ ସରପଞ୍ଚ ମଣି ମାଝୀ (୨୮) ଏବଂ ମୃତ ଘାସେନ ମାଝୀଙ୍କ ବୋହୂ ସମାଏ ମାଝୀ (୪୦) ଆକ୍ରାନ୍ତ ହୋଇ




ଗୁରୁତର ଅବସ୍ଥାରେ ଚିକିସିତ ହେଉଛନ୍ତି। ମଣି ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ବୋଟ ଅମ୍ବୁଲାନ୍ସ ଯୋଗେ ଜଳଭଣ୍ଡାର ଆରପାରିକୁ ଅଣାଯାଇ ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଗମ ଜଳବନ୍ଦି ଅଞ୍ଚଳକୁ ଗମନାଗମନର ସୁବ୍ୟବସ୍ଥା ନଥିବା ବେଳେ ଦେଶୀ ଡଙ୍ଗା ଏବଂ ସରକାରୀ ଯନ୍ତ୍ର ଚାଳିତ ଡଙ୍ଗା ଉପରେ ଲୋକେ ଭରସା କରୁଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ଘଟଣାକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଡୁଲେ ରାପରଙ୍କୁ ପୁଲିସ୍ ପକ୍ଷରୁ ଜେରା

**ଅନୁସନ୍ଧାନ ଭାରତ(ବ୍ୟୁର):** କଳାହାଣ୍ଡିର ରାପ୍ ଗାୟକ ଡୁଲେ ରାପରଙ୍କୁ ଆଜି କଳାହାଣ୍ଡି ପୁଲିସ୍ ଜେରା କରିଛି। ଏକ ପୁରୁଣା ମାମଲାର ତଦନ୍ତ ପାଇଁ ପୁଲିସ୍ ତାଙ୍କୁ ବୋର୍ଡା ଗ୍ରାମରୁ ଆଣିଥିଲା। ଜେରା ପରେ ତାଙ୍କୁ ଘରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ବୋର୍ଡା ଗ୍ରାମର ରାପ ଗାୟକ ଡୁଲେ ରାପର ଦିନକୁଦିନ ବିବାଦୀୟ ହୋଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଅଶ୍ଳୀଳ ଗୀତ ଗାଇ ସେ ରାଜ୍ୟବ୍ୟାପୀ ସମାଲୋଚନାର ଶରବ୍ୟ ହୋଇଥିଲେ। ତାଙ୍କର ଏହି ଗୀତକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା। ୨୦୨୧ ମେ ୨୮ ତାରିଖରେ ଅଲ ଓଡ଼ିଶା ସିଡ୍ୟୁଲ୍ କାଷ୍ଟ ଫେଡେରେସନ ପକ୍ଷରୁ ଏନେଇ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ତତ୍କାଳୀନ ପୁଲିସ ଏସଡିପିଓ ରମେଶ ଚନ୍ଦ୍ର ସେଠୀ କେସ ନଂ-୧୯୩/୨୧ ତା:୨୮-୦୫-୨୧ରେ ଦଫା ୨୯୪, ୫୦୬, ୩୪, ୩୧ (ଆରଏସ), ୩ (୨) ଭିଏ ଦଫାରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ତଦନ୍ତ ନିମନ୍ତେ ବୋର୍ଡା ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଭବାନୀପାଟଣା ଏସଡିପିଓ କାର୍ଯ୍ୟାଳୟରେ ତାଙ୍କୁ ହାଜର କରିଥିଲେ। ପୁଲିସ ଏସଡିପିଓ ସୁନାରାମ ହେମ୍ବ୍ରମ ଏହାର ତଦନ୍ତ କରିବା ପରେ ସନ୍ଧ୍ୟାରେ ଡୁଲେ ରାପରଙ୍କୁ ଘରକୁ ନେଇ ପୁଲିସ୍ ଛାଡ଼ି ଦେଇଥିଲା।

## ଗୁଞ୍ଜିବାଡ଼ି-ବାଲିଗାଡ଼ା ରାସ୍ତା ଅବସ୍ଥା ଶୋଚନୀୟ

**ଅନୁସନ୍ଧାନ ଭାରତ(ବ୍ୟୁର):** ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ବାଲିଗାଡ଼ା ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। କ.ନୂଆଗାଁ ବ୍ଲକ୍ ? ଅନ୍ତର୍ଗତ ଗୁଞ୍ଜିବାଡ଼ି ଠାରୁ ବାଲିଗାଡ଼ା ଗାଁ'କୁ କିଛିବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ପକ୍କା ସଡ଼କ ନିର୍ମାଣ ହୋଇଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ସହ ୫ବର୍ଷିଆ ମରାମତି ଓ ରକ୍ଷଣାବେକ୍ଷଣ ଚୁକ୍ତି ପୂରଣ ନକରିବାରୁ ଏହି ରାସ୍ତାଟି ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଗତବର୍ଷ କେବଳ ଲୋକ ଦେଖାଣିଆ ଭାବେ ଏହାକୁ ମରାମତି କରା ଯାଇଥିବା ବେଳେ ରାସ୍ତାର ଅବସ୍ଥା ସୁଧାରି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

## ଭଞ୍ଜନଗରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଅନୁସନ୍ଧାନ ଭାରତ(ବ୍ୟୁର):** ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ଠାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଯୋଗ ଦେଇ ଅଭିଯୋଗ ଶୁଣାଣି କରିଥିଲେ। ସମୁଦାୟ ୧୭୨ ଟି ଅଭିଯୋଗର ପତ୍ର ଗ୍ରହଣ କରାଯାଇଥିବା ବେଳେ ତ୍ୱରିତ ଭାବେ ୨୮ଟି ଅଭିଯୋଗ ଫଇସଲା ହୋଇଛି। ଶିବିରରେ ଦୁଇ ଜଣ ଭିନ୍ନକ୍ଷମଙ୍କୁ ଗୋଟିଏ ହୁଇଲି ଚେୟାର, ଆଶାବାଡି ସହାୟତା ଯୋଗାଇ ଦିଆଯାଇଛି। ଏଥି ସହିତ ଜିଲ୍ଲାପାଳ ୧୪ ଜଣଙ୍କୁ ଜଙ୍ଗଲ ଜମିପଟା ବଣ୍ଟନ କରିଥିବା ବେଳେ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଗ୍ରହଣ କରାଯାଇଥିବା ଆବେଦନଗୁଡିକର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ,ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ କୁମାର ଶତପଥୀ, ବିଡ଼ିଓ ଶଶୀ ଭୂଷଣ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ କଲ୍ୟାଣୀ ଦାଶ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁସା ମୁଣ୍ଡା, ଭଞ୍ଜନଗର ସହାୟକ ଜିଲ୍ଲାପାଳ ସୁନନ୍ଦ ଶେଖର ସାହାଣୀ, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ସମେତ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଲୋହରାଖଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ଦାସିଆ ଅଜାଙ୍କ ପାଠାଗାରକୁ ପୁସ୍ତକ ପ୍ରଦାନ

**ଅନୁସନ୍ଧାନ ଭାରତ(ବ୍ୟୁର):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଠାରେ ଥିବା ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଲୋହରାଖଣ୍ଡି ସାହିତ୍ୟ ସଂସଦ ୩୦୦୦ରୁ ଊର୍ଦ୍ଧ୍ୱ ଉପାଦେୟ ପୁସ୍ତକ, ପତ୍ରପତ୍ରିକା ସମେତ ଦୁଇ ଗୋଟି ଆଲମିରା, ଚେୟାର ଓଡ଼ିଶା ପାଠାଗାର ତଥା ସଂଗ୍ରାହଳୟ ଆନ୍ଦୋଳନର ଜନକ ଦାସରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ଦ୍ୱାରା ନୟାଗଡ଼ ଦଶପଲ୍ଲାର ଉଦୟପୁର ଠାରେ ପ୍ରତିଷ୍ଠିତ ସୁପ୍ରସିଦ୍ଧ ପାଠାଗାର ସଂଗ୍ରାହଳୟ ଗବେଷଣା କେନ୍ଦ୍ରକୁ ପ୍ରଦାନ କରାଯାଇଛି। ଦାସିଆ ଅଜାଙ୍କ ନାତି ତଥା ଅନୁଷ୍ଠାନର ସମ୍ପାଦକ ଦୀପକ ପଟ୍ଟନାୟକଙ୍କ ଉପସ୍ଥିତିରେ ଭଞ୍ଜନଗର ଠାରେ ଲୋହରାଖଣ୍ଡି ସାହିତ୍ୟ ସଂସଦର ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା ସମସ୍ତ ପୁସ୍ତକ, ପତ୍ରପତ୍ରିକା, ଆଲମିରା ଏବଂ ଚେୟାର ପ୍ରଦାନ କରିଛନ୍ତି। ଲୋହରାଖଣ୍ଡି ସାହିତ୍ୟ ସଂସଦର ଏହି ପୁସ୍ତକ ଦାନ ବଦାନ୍ୟତାକୁ ଭଞ୍ଜନଗର ଅଞ୍ଚଳର ବୁଦ୍ଧିଜୀବୀ ତଥା ସାହିତ୍ୟିକମାନେ ସ୍ୱାଗତ ଜଣାଇଛନ୍ତି। ଦାସିଆ ଅଜାଙ୍କ ପାଠାଗାର ସଂଗ୍ରହାଳୟକୁ ଯେଉଁ ବ୍ୟକ୍ତି ବିଶେଷମାନେ ପୁସ୍ତକ ତାଳପତ୍ର ପୋଥି ଏବଂ ପୁରୁଣା ସାମଗ୍ରୀମାନ ପ୍ରଦାନ କରିବାପାଇଁ ଇଚ୍ଛୁକ ଅଛନ୍ତି ସେମାନେ ଦାସିଆ ଅଜାଙ୍କ ପାଠାଗାରକୁ ଯୋଗଯୋଗ ପାଇଁ ଦାସିଆ ଅଜାଙ୍କ ନାତି ଦୀପକ ପଟ୍ଟନାୟକ ମୋ: ୮୮୯୫୬୩୦୦୫୨ ନିବେଦନ କରିଛନ୍ତି। ଏହି ପୁସ୍ତକ ପ୍ରଦାନ ସମୟରେ ଅନୁଷ୍ଠାନର ପରିଚାଳନା ସମ୍ପାଦିକା ପ୍ରଭାତୀ ମଞ୍ଜରୀ ବେହେରା, ବିଶ୍ୱଜନନୀ କଳା ପରିଷଦର ସମ୍ପାଦକ ଜଗଦିଶ ପାଣିଗ୍ରାହୀ ଉପସ୍ଥିତ ଥିଲେ।



# ୧୪ ତମ ଲୀଭିଂଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନର ଫାଉଣ୍ଡେସନ ଦିବସ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁର):** କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାରଖମା ଗ୍ରାମରେ ଲୀଭିଂଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନରେ ଆଜି ୧୪ ତମ ଫାଉଣ୍ଡେସନ ଦିବସ ପାଳନ ହୋଇଛି। ଏହି ଅବସରରେ ବାଲିଗୁଡା ଗଷ୍ଠି ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରି ୧୪ ତମ ଫାଉଣ୍ଡେସନ ଦିବସର ଶୁଭାରମ୍ଭ କରିଥିଲେ। ଶ୍ରୀ ଅତୁଲ୍ୟ କୁମାର ନାୟକ ଏଲ.ଏସ.ଏମ ୧୪ ତମ ଫାଉଣ୍ଡେସନ ଦିବସକୁ ପରିଚାଳିତ କରିଥିଲେ, ଏଲ.ଏସ.ଏମର ସମ୍ପାଦକ ଶ୍ରୀ ବିକ୍ରମ ଦିଗାଲ, ଏଲ.ଏସ.ଏମର ଦର୍ଶନ ଓ କାର୍ଯ୍ୟକୁ ସଂକ୍ଷିପ୍ତ ଭାବରେ ଉପସ୍ଥାପନ କରିଥିଲେ। ସେ ପ୍ରକାଶ କରିଥିଲେ କି ଏଲ.ଏସ.ଏମ ଅନୁଷ୍ଠାନ ଦ୍ୱାରା ପରିଚାଳିତ 'ହାଉସ ଅଫ ଲଭ' ଶିଶୁ ଯତ୍ନ ଅନୁଷ୍ଠାନର ଅନାଥ କୁନି କୁନି ପିଲାଙ୍କୁ ରଖି ସେମାନଙ୍କର ସମସ୍ତ ଦାଇତ୍ୱ ନେବା



ସହିତ ପାଠ ପଢ଼ିବାରେ ଉତ୍ସାହିତ କରାଯାଏ। ସେମାନଙ୍କ ଥଇଥାନ ନିମନ୍ତେ ସେମାନଙ୍କ ଦକ୍ଷତା ଅନୁସାରେ ଅନେକଙ୍କୁ ଆଇଟିଆଇ ରେ, Nursing Collageରେ ଓ ସିଲେଇ ତାଲିମ ପାଇଁ ପଠାଯାଇଅଛି ସେମାନଙ୍କ ଥଇଥାନ ନିମନ୍ତେ। ଏଲଏସଏମ କେବଳ ଶିଶୁ ଯତ୍ନ ଅନୁଷ୍ଠାନ ପରିଚାଳିତ କରେ ନାହିଁ, ତତ୍ ସହିତ ସମାଜର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଦୀର୍ଘ ୧୩ ହେଲା କରି ଆଶୁଛି। ଯେପରିକି, ନିରକ୍ଷର ମାନଙ୍କୁ ସ୍ୱାକ୍ଷର କରିବା ପାଇଁ 'ପ୍ରୋଢ଼ ଶିକ୍ଷା', ବୃକ୍ଷରୋପଣ, ବିଭିନ୍ନ ସଚେତନ କାର୍ଯ୍ୟକ୍ରମ, ବୃଦ୍ଧ ଓ ବିଧବା ମାମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ, ପରିବାର କାଉନସେଲିଂ, କ୍ୟାରିୟର କାଉନସେଲିଂ, ଛାତ୍ର ଓ ଛାତ୍ରୀଙ୍କୁ ସେଲ୍ଫ ଡିଫେନ୍ସ ତାଲିମ, ଇନକମ୍ ଜେରେସନ ପ୍ରୋଗ୍ରାମ, ସ୍କିଲ ଡ଼େଭଲାପମେଣ୍ଟ ତାଲିମ, ଫ୍ରି ଟୁସନ, ପୁସ୍ତକ ବଣ୍ଟନ, ଫ୍ରିଆଇ କ୍ୟାମ୍ପ, ଫ୍ରିହେଲଥ କ୍ୟାମ୍ପ, କରନା ସଚେତନ କାର୍ଯ୍ୟକ୍ରମ, ମାସ୍କ, ସନିଟାଇଜ୍ଏ, ରେସନ ବଣ୍ଟନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମାଜର ଉନ୍ନତି ନିମନ୍ତେ କରିଆଶୁଅଛି। ଆଗକୁ ମଧ ସମାଜର ହିତ ଓ କଲ୍ୟାଣ ନିମନ୍ତେ ଏଲ.ଏସ.ଏମର ପ୍ରୟାସ ଜାରି ରହିବ ବୋଲି ସଂସ୍ଥାର ମୁଖ୍ୟ କହିଛନ୍ତି। ତପ୍ରରେ ବାଲିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର ଲୀଭିଂଙ୍ଗ ଷ୍ଟୋନ ମିନିଷ୍ଟ୍ରି ଅନୁଷ୍ଠାନ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହିତ ଅନୁଷ୍ଠାନକୁ ପ୍ରସଂଶା କରିଥିଲେ। ଏହା ସହ ଶିଶୁ ଯତ୍ନ ଅନୁଷ୍ଠାନର ପୁଅ ଓ ଝିଅଙ୍କୁ ଉତ୍ତମ ଭାବରେ ପାଠ ପଢାଇ ଚାକିରି କରିବା ପାଇଁ ଏନକୋରେଜ କରିଥିଲେ। ଦେଶର ମାନ ରଖିବା ସହିତ ଅନୁଷ୍ଠାନର ଗର୍ଭ ହେଇ ଠିଆ ହେବାକୁ ଆଭାଁନ ଦେଇ ଥିଲେ। ଏହିଅବସରରେ ହାଉସ ଅଫ ଲଭ ଶିଶୁ ଯତ୍ନ ଅନୁଷ୍ଠାନର କୁନି କୁନି ବାଳକ ଓ ବାଳିକାମାନେ ପରିବେଶକୁ ରଙ୍ଗୀନ କରିବା ସହପୁରସ୍କାର କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଏଲ.ଏସ.ଏମର ସଭାପତି ଆମୋଶ ନାୟକ ଧନ୍ୟବାଦ ଆତିଥି ଓ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇ ଥିଲେ।

# ଓଡିଶା ପ୍ରସିଦ୍ଧ କନ୍ଧମାଳ ହଳଦୀକୁ ପୁଣି ଏନଆଇପି ଆୱାର୍ଡ

**ଅନୁସନ୍ଧାନ ଭାରତ(ବ୍ୟୁର):** ଓଡିଶା ପ୍ରସିଦ୍ଧ କନ୍ଧମାଳ ହଳଦୀକୁ ପୁଣି ମିଳିଲା ଏନଆଇପି ଆୱାର୍ଡ। କୃଷି ବର୍ଗରେ ସର୍ବାଧିକ ଭୋଟ ପାଇ ଏହି ପୁରସ୍କାର ଲାଭ କରିଛି କନ୍ଧମାଳ ହଳଦୀ। ନୂଆ ଦିଲ୍ଲୀଠାରେ ଆଇପି କନଫରେନ୍ସରେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ପୁରସ୍କାର ଗ୍ରହଣ କରିବାକୁ ପହଞ୍ଚି ପାରିନଥିଲେ କେହି। ଏଥି ପୂର୍ବରୁ ଉତ୍କୃଷ୍ଟମାନ ଓ ଗୁଣ ବଢାପାଇଁ କନ୍ଧମାଳ ହଳଦୀକୁ ଜି ଆଇ ଟାଗ ମିଳିଥିଲା। ଏବେ ୨୦୨୧ -୨୨ ବର୍ଷ ପାଇଁ ଏନଆଇପି ଆୱାର୍ଡ ମିଳିଛି। ପ୍ରଥମ ଥର ପାଇଁ ଜିଆଇ ମାନ୍ୟତା ପାଇଥିବା ସାମଗ୍ରି କୁନେଇ (ନ୍ୟାସନାଲ ଇଣ୍ଟେଲେକଚୁଆଲ ପ୍ରପରଟି ) ଏନଆଇପି ଆୱାର୍ଡ ଆୟୋଜିତ ହୋଇଥିଲା। ଏଥିପାଇଁ ଦେଶରେ ଭୋଟିଂ ମାଧ୍ୟମରେ ଜନମତ ସର୍ଭେ ହୋଇଥିଲା। ଏଥିରେ ସର୍ବାଧିକ ଭୋଟ ପାଇଥିବା ସାମଗ୍ରି ଗୁଡିକୁ ପୁରସ୍କୃତ କରାଯାଇଥିଲା। କୃଷି, କଳା, ଖାଦ୍ୟସାମଗ୍ରୀ ଆଦି ପାଞ୍ଚଟି ବର୍ଗରେ ଏହି ପୁରସ୍କାର ଦିଆଯାଇଥିଲା। କୃଷି ବର୍ଗରେ କନ୍ଧମାଳ ହଳଦୀକୁ ଏହି ପୁରସ୍କାର ମିଳିଛି। ପୁରସ୍କାର ପାଇବା ପରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, କନ୍ଧମାଳ ହଳଦୀ ସୋସାଇଟି କସମର ସମ୍ପାଦକ ସଂଜିତ ପଟନାୟକ ଓ ଭୁବେନେଶ୍ୱର ବ୍ରାଞ୍ଚ ହେଡ୍ ତଥା ଅବସରପ୍ରାପ୍ତ ଉଦ୍ୟାନ ଉପନିର୍ଦ୍ଦେଶକ ମନୋଜ ଦାସ ବର୍ତ୍ତମାନର ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ମିହିର କୁମାର ସାମନ୍ତରାୟ ପ୍ରମୁଖଙ୍କ ସମେତ ହଳଦୀ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଏହା ଦ୍ୱାରା ଉନ୍ନତମାନର ହଳଦୀ ପ୍ରସ୍ତୁତ ସହ ପ୍ରଚାରପ୍ରସାର ପାଇଁ ନିଷ୍ଠା, ଆନ୍ତରିକତା ଓ ଅଧିକ ଉତ୍ସାହର ସହ କାମ କରିବା ପାଇଁ ପ୍ରେରଣା ମିଳିବ ବୋଲି ସମ୍ପାଦକ ସଂଜିତ ପଟ୍ଟନାୟକ କହିଛନ୍ତି। ଚାଷୀମାନେ ମଧ ଏହା ଦ୍ୱାରା ଉତ୍ସାହିତ ହୋଇ ଅଧିକ ହଳଦୀ ଉତ୍ପାଦନ କରିବେ ବୋଲି କହିଛନ୍ତି। କସମ ସମ୍ପାଦକ ସଞ୍ଜିତ ପଟ୍ଟନାୟକଙ୍କ ନିଷ୍ଠାପର ଉଦ୍ୟମ, ଆଗ୍ରହ, ଓ ପରି ଶ୍ରମଯୋଗୁଁ କନ୍ଧମାଳ ହଳଦୀ ଜିଆଇ ମାନ୍ୟତା ପାଇପାରିଥିଲା ଆଉ ଏବେ ଏନଆଇପି ଆୱାର୍ଡ ପାଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏହାଦ୍ୱାରା କନ୍ଧମାଳ ହଳଦୀର ଚାହିଦା ବୃଦ୍ଧି ପାଇବ ନିଶ୍ଚୟ ବୋଲି ମତ ପ୍ରକାଶ ପାଇଛି।

# ୱାନଷ୍ଟପ ସେଣ୍ଟର (ସଖୀ)ର ତୃତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳିତ

**ଅନୁସନ୍ଧାନ ଭାରତ(ବ୍ୟୁର):** କଳାହାଣ୍ଡି ଜିଲ୍ଲା ମୁଖ୍ୟ ସହର ଭବାନୀପାଟଣା ସ୍ଥିତ ୱାନଷ୍ଟପ ସେଣ୍ଟର (ସଖୀ)କଳାହାଣ୍ଡି ଶାଖାର ତୃତୀୟ ଜନ୍ମବାର୍ଷିକୀ ଉତ୍ସବ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ୱଧାର ଗୃହର ପରିଚାଳିକା ଜୟଶ୍ରୀ ଦାସ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସ୍ୱେଚ୍ଛାସେବା କଲ୍ୟାଣୀ ଦାଶ, ସମ୍ମାନୀତ ଅତିଥି ଭାବରେ ମହିଳା ସପୋର୍ଟ ସେଣ୍ଟର ଏସ୍ ସୂଜାତା ଶାଗରଯୋଗ ଦେଇ ଥିଲେ। ସେହିପରି ଜିଲ୍ଲା ମିଳିତ ସାମ୍ବାଦିକ ସଂଘ (KZMSS)ର ସଭାପତି ନାରାୟଣ ପ୍ରସାଦ ନାୟକ ଓ ଉପସଭାପତି ମଧୁସୂଦନ ମହାପାତ୍ର ମଧ ଯୋଗଦେଇ ଥିଲେ। ଉତ୍ସବର ଆରମ୍ଭରେ ସଖୀ ସେଣ୍ଟର ଶାଖା ପରିଚାଳିକା ବିନିତା ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବବ ୩ ବର୍ଷର ବିବରଣୀ ପାଠ କରିବା ସହ ଶାଖାର ବିଭିନ୍ନ ଦିଗ ଉପରେ ବିସ୍ତାର ରୂପରେ ପ୍ରକାଶ କରି ବର୍ତ୍ତମାନ ସୁଧା ୨୦୯ କେସ ଆସିଥିଲା ସେଥିମଧ୍ୟରୁ ୧୫୦ ଗୋଟି କେସକୁ ସେଣ୍ଟେରରେ କାର୍ଯ୍ୟରତ ସମସ୍ତ ସହଯୋଗୀଙ୍କ ସହାୟତାରେ ସମାଧାନ କରାଯାଇଥିବା କହିଥିଲେ। ଅତିଥିମାନେ ନିଜନିଜ ବକ୍ତବ୍ୟରେ ସେଣ୍ଟର କାର୍ଯ୍ୟକଳାପକୁ ପ୍ରସଂଶା କରିଥିଲେ।

# ମଧ୍ୟାହ୍ନ ଭୋଜନରେ ଫିମ୍ପିମରା ସୋୟାବଡ଼ି, ୭ ଛାତ୍ରଛାତ୍ରୀ ଅସୁସ୍ଥ

**ଅନୁସନ୍ଧାନ ଭାରତ(ବ୍ୟୁର):** କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୭ ଜଣ ଛାତ୍ରୀ ଅସୁସ୍ଥ ହୋଇଥିବା ବେଳେ ଏହି ଘଟଣାକୁ ବିଭାଗୀୟ ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀ ଚାପି ଦେଇଛନ୍ତି। ଗତ ଶୁକ୍ରବାର ଦିନ ମଧ୍ୟାହ୍ନ ଭୋଜନ ନିମନ୍ତେ ବିଦ୍ୟାଳୟରେ ଭାତ ସହ ସୋୟାବିନ ବଡ଼ି ତରକାରି ରୋଷେଇ ହୋଇଥିଲା। ରୋଷେଇ ହୋଇଥିବା ଏହି ତରକାରି ଓ ଭାତ ଖାଇ ୭ଜଣରୁ ଅଧିକ ଛାତ୍ରୀ ଦୁଇତିନି ଥର ବାନ୍ତି କରିଥିଲେ। ଏହାଦେଖି ଅନ୍ୟ ଛାତ୍ରଛାତ୍ରୀ ଶ୍ରେଣୀଶିକ୍ଷକ ରାଜପୁତ ମଲ୍ଲିକ, ଛବି ନାୟକ ଏବଂ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ହେଲେ ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀ ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନା ନେଇ ନଥିଲେ। ପରେ ଛାତ୍ରଛାତ୍ରୀ ଘରକୁ ଫେରି ଏନେଇ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଏହି ଘଟଣାରେ ଅଭିଭାବକ ପ୍ରତିକ୍ରିୟାଶୀଳ ହୋଇ ପରଦିନ ଅର୍ଥାତ ଶନିବାର ସକାଳୁଆ ସ୍କୁଲ ଥିବାରୁ ବିଦ୍ୟାଳୟକୁ ଯାଇ ପାଟିତୁଣ୍ଡ କରିଥିଲେ। ବିଦ୍ୟାଳୟରେ ହୋହଲ୍ଲା କରିବା ସହ ଖରାପ ବଡ଼ି ଓ ଶସ୍ତା ଖାଇବା ତେଲ ଦେଖି ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଦାୟିତ୍ୱରେ ଥିବା ଏସ୍ ?ଏଚ୍ ?ଜି ଗୋଷ୍ଠୀ ସଦସ୍ୟାଙ୍କୁ ଘେରିଥିଲେ। ବହୁ ସମୟ ଧରି ପାଟିତୁଣ୍ଡ ହୋଇଥିଲେ ବି ବାନ୍ତି କରିବା ଛଡ଼ା ପିଲାଙ୍କ ସ୍ୱାସ୍ଥ୍ୟ ସେମିତି ଅଧିକ କିଛି ହୋଇ ନଥିବାରୁ ଅଭିଭାବକମାନେ ସମ୍ପର୍କ ଦୃଷ୍ଟିରୁ ନିରବ ରହିଥିଲେ।ଳ ଖବର ନେବାରୁ ଜଣାପଡିଛି, ଶୁକ୍ରବାର ବିଦ୍ୟାଳୟରେ ଖରାପ ଏବଂ ଫିମ୍ପିମାରି କଳା ପଡ଼ି ଯାଇଥିବା ସୋୟାବଡ଼ି ତରକାରି ହୋଇଥିଲା। ପୁଣି ତରକାରିରେ ଶସ୍ତା ଓ ଦୁଇ ନମ୍ବର ମସଲାଗୁଣ୍ଡ ଓ ଲଙ୍କାଗୁଣ୍ଡ ସହ ଖରାପ ଖାଇବା ତେଲ ବି ବ୍ୟବହାର କରା ଯାଇଥିଲା। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ କହିବା ପ୍ରକାରେ, ପ୍ରଧାନଶିକ୍ଷୟିତ୍ରୀ ଶଶିତା ପାତ୍ର ସୋୟାବଡ଼ି କଳା ଓ ଫିମ୍ପି ମାରିଥିବା ଦେଖିଥିଲେ ଏବଂ ଏହା ଜାଣିଥିଲେ ସୁଦ୍ଧା ଏହାକୁ ବାଛି ଓ ଧୋଇଦେଇ ତରକାରୀ କରିଦିଅ ବୋଲି କହିଥିଲେ। ଫଳରେ ତାହାକୁ ହିଁ ସେମାନେ ରୋଷେଇ କରିଥିଲେ। ବିଦ୍ୟାଳୟର ରୋଷେଇ କରୁଥିବା ଏସ୍ ?ଏଚ୍ ?ଜି ଗୋଷ୍ଠୀ ସଦସ୍ୟା ମଧ ସୋୟାବିନ ବଡ଼ି ଖରାପ ଥିବା ଜାଣିଛନ୍ତି। ତଥାପି ସମସ୍ତେ ଜାଣିଶୁଣି ଖରାପ ବଡ଼ି ରୋଷେଇ କରିଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଙ୍କ ଏତାଦୃଶ କାର୍ଯ୍ୟକଳାପକୁ ନେଇ ଅଭିଭାବକ ବିରକ୍ତି ଭାବ ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ନିୟମ ଅନୁଯାୟୀ ପ୍ରଥମେ ରନ୍ଧା ଖାଦ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖାଇସାରି ପରୀକ୍ଷା କରିବା କଥା। ହେଲେ ସେ ତାହା ନ କରି କିପରି ପିଲାଙ୍କୁ ଖାଇବାକୁ ଅନୁମତି ଦେଲେ ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ଏନେଇ ବିଇଓଙ୍କ ପ୍ରତିକ୍ରିୟା ମିଳିନଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀଙ୍କ କହିବା ପ୍ରକାରେ, ସୋୟାବଡ଼ି ଅଳ୍ପ ଥିଲା ଓ ଫିମ୍ପି ମାରିଥିବା ଦେଖିଥିଲେ ବି ଶୁକ୍ରବାରର ମେନ୍ୟୁ ଅନୁସାରେ ଖରାପ ବଡ଼ି ବାଛି ସଫା କରି ରୋଷେଇ କରିବାକୁ କହିଥିଲେ। ହେଲେ ଆଗକୁ ଏହାର ପୁନରାବୃତ୍ତି ହେବନି ବୋଲି ଅଭିଭାବକ ଆଗରେ କହିବା ପରେ ଘଟଣା କିଛି ମାତ୍ରାରେ ପ୍ରଶମିତ ହୋଇଥିଲେ ବି ଚାପା ଉତ୍ତେଜନା ଲାଗି ରହିଛି। ସାଧନା ସଂଯୋଜକ ତଥା ସିଆ ?ସିସି ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ଏନେଇ ପଚାରିବା ପରେ ଘଟଣା ସମ୍ପର୍କରେ ସେ କିଛି ଜାଣିନ ଥିବା କହିଛନ୍ତି। ଏଭଳି ଅଭିଯୋଗ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

# ଓଡିଶା ପ୍ରସିଦ୍ଧ କନ୍ଧମାଳ ହଳଦୀକୁ ପୁଣି ଏନଆଇପି ଆୱାର୍ଡ

ଅନୁସନ୍ଧାନ ଭାରତ(ବ୍ୟୁର): ଓଡିଶା ପ୍ରସିଦ୍ଧ କନ୍ଧମାଳ ହଳଦୀକୁ ପୁଣି ମିଳିଲା ଏନଆଇପି ଆୱାର୍ଡ କ୍ଷ କୃଷି ବର୍ଗରେ ସର୍ବାଧିକ ଭୋଟ ପାଇ ଏହି ପୁରସ୍କାର ଲାଭ କରିଛି କନ୍ଧମାଳ ହଳଦୀ କ୍ଷ ନୂଆ ଦିଲ୍ଲୀଠାରେ ଆଇପି କନଫରେନ୍ସରେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ତେବେ ପୁରସ୍କାର ଗ୍ରହଣ କରିବାକୁ ପହଂଚି ପାରିନଥିଲେ କେହି କ୍ଷ ଏଥି ପୂର୍ବରୁ ଉତ୍କୃଷ୍ଟମାନ ଓ ଗୁଣ ବଢାପାଇଁ କନ୍ଧମାଳ ହଳଦୀକୁ ଜି ଆଇ ଟାଗ ମିଳିଥିଲା କ୍ଷ ଏବେ ୨୦୨୧ – ୨୨ ବର୍ଷ ପାଇଁ ଏନଆଇପି ଆୱାର୍ଡ ମିଳିଛି କ୍ଷ ପ୍ରଥମ ଥର ପାଇଁ ଜିଆଇ ମାନ୍ୟତା ପାଇଥିବା ସାମଗ୍ରି କୁନେଇ (ନ୍ୟାସନାଲ ଇଣ୍ଟେଲେକଚୁଆଲ ପ୍ରପରଟି ) ଏନଆଇପି ଆୱାର୍ଡ ଆୟୋଜିତ ହୋଇଥିଲା କ୍ଷ ଏଥିପାଇଁ ଦେଶରେ ଭୋଟିଂ ମାଧ୍ୟମରେ ଜନମତ ସର୍ଭେ ହୋଇଥିଲକ୍ଷ କ୍ଷ ଏଥିରେ ସର୍ବାଧିକ ଭୋଟ ପାଇଥିବା ସାମଗ୍ରି ଗୁଡିକୁ ପୁରସ୍କୃତ କରାଯାଇଥିଲା କ୍ଷ କୃଷି, କଳା, ଖାଦ୍ୟସାମଗ୍ରୀ ଆଦି ପାଞ୍ଚଟି ବର୍ଗରେ ଏହି ପୁରସ୍କାର ଦିଆଯାଇଥିଲା କ୍ଷ କୃଷି ବର୍ଗରେ କନ୍ଧମାଳ ହଳଦୀକୁ ଏହି ପୁରସ୍କାର ମିଳିଛି କ୍ଷ ପୁରସ୍କାର ପାଇବା ପରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, କନ୍ଧମାଳ ହଳଦୀ ସୋସାଇଟି କସମର ସମ୍ପାଦକ ସଂଜିତ ପଟନାୟକ ଓ ଭୁବେନେଶ୍ୱର ବ୍ରାଞ୍ଚ ହେଡ଼ ତଥା ଅବସରପ୍ରାପ୍ତ ଉଦ୍ୟାନ ଉପନିର୍ଦ୍ଦେଶକ ମନୋଜ



ଦାସ ବର୍ତମାନର ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ମିହିର କୁମାର ସାମନ୍ତରାୟ ପ୍ରମୁଖଙ୍କ ସମେତ ହଳଦୀ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି କ୍ଷ ଏହା ଦ୍ୱାରା ଉନ୍ନତମାନର ହଳଦୀ ପ୍ରସ୍ତୁତ ସହ ପ୍ରଚାରପ୍ରସାର ପାଇଁନିଷ୍ଠା, ଆନ୍ତରିକତା ଓ ଅଧିକ ଉତ୍ସାହର ସହ କାମ କରିବା ପାଇଁ ପ୍ରେରଣା ମିଳିବ ବୋଲି ସମ୍ପାଦକ ସଂଜିତ ପଟନାୟକ କହିଛନ୍ତି କ୍ଷ ଚାଷୀମାନେ ମଧ ଏହା ଦ୍ୱାରା ଉତ୍ସାହିତ ହୋଇ ଅଧିକ ହଳଦୀ ଉତ୍ପାଦନ କରିବେ ବୋଲି କହିଛନ୍ତି କ୍ଷ କସମ ସମ୍ପାଦକ ସଂଜିତ ପଟନାୟକଙ୍କ ନିଷ୍ଠାପର ଉଦ୍ୟମ, ଆଗ୍ରହ, ଓ ପରି ଶ୍ରମଯୋଗୁଁ କନ୍ଧମାଳ ହଳଦୀ ଜି ଆଇ ମାନ୍ୟତା ପାଇପାରିଥିଲା ଆଉ ଏବେ ଏନଆଇପି ଆୱାର୍ଡ ପାଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି କ୍ଷ ଏହାଦ୍ୱାରା କନ୍ଧମାଳ ହଳଦୀର ଚାହିଦା ବୃଦ୍ଧି ପାଇବ ନିଶ୍ଚୟ ବୋଲି ମତ ପ୍ରକାଶ ପାଇଛି ।

# ଗଜପତି ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ଗଜପତି ଜିଲ୍ଲା ସ୍ତରୀୟ ଆନ୍ତଃବିଦ୍ୟାଳୟ ୧୭ ବର୍ଷରୁ କମ୍ ବୟସର ବାଳକ ବାଳିକା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗଜପତି ଷ୍ଟାଡିୟମ୍ ପାରଳାଖେମୁଣ୍ଡି ପରିସରରେ ଉଦଯାପିତ ହୋଯାଇଅଛି। ଆଜିର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ଉତ୍ସବରେ ଜୟରାମ ଶତପଥି, ଆରକ୍ଷୀ ଅଧିକ୍ଷକ ଗଜପତି ମୂଖ୍ୟ ଅତିଥି ଭାବରେ ଯୋଗ ଦେଇଥିଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ପୌର ପରିଷଦ ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଭାରପ୍ରାପ୍ତ କ୍ରୀଡା ଅଧିକାରୀ ତଥା ଡେପୁଟି କଲେକ୍ଟର ନଟବର ଗରଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୋନଜ ରଞ୍ଜନ ଦଳାଇ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋସ କୁମାର ନାୟକ ସଭାପତିତ୍ୱ



କରିଥିଲେ। ଜିଲ୍ଲାର ସାତ ଗୋଟି ବ୍ଲକର ସମସ୍ତ ମେଧାବୀ ଫୁଟବଲ୍ ଖେଳାଳି ବାଳକ ବାଳିକା ଓ ପାରଳାଖେମୁଣ୍ଡି ପୌରପାଳିକାର ଟିମ ମୋଟ ୧୩ ଟିମ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରଥମ ପର୍ଯାୟରେ ଗୋଷାଣୀ ଓ ଆର. ଉଦୟଗିରି ବଳିକା ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଗୋଶାଣୀ ବାଳିକା ଟିମ୨/୦ ଗୋଲରେ ବିଜେତା ହୋଇଥିଲା। ଫାଇନାଲରେ ପାରଳାଖେମୁଣ୍ଡି ପୌରପାଳିକା ଓ ମୋହନା ବାଳକ ଟିମ ଖେଳିବା ପାଇଁ ବିବେଚିତ ହୋଇଥିଲା। ଶେଷରେ ପାରଳାଖେମୁଣ୍ଡି ପୌରପାଳିକା ବାଳକ ଟିମ ୨/୦ ଗୋଲ୍‌ରେ ବିଜୟୀ ହୋଇଥିଲେ ୩ଗୋଲରେ ପୋର୍ସିସନ ମୋହନା। ବାଳିକା ଟିମ ଓ କାଶୀନଗର ବାଳକ ଟିମ, ୨ସ୍ଥାନରେ ମୋହନା ବାଳକ ଟିମ, ରନର ଆର. ଉଦୟଗିରି ବାଳିକା ଟିମ, ବାଳିକା ଚାମ୍ପିୟାନ ଗୋଶାଣୀ ଟିମ ଓ ବାଳକ ଚାମ୍ପିୟାନ ଟିମର ପାରଳାଖେମୁଣ୍ଡି ପୌରପରିଷଦ ପାଳିକା ଟିମ ଅଥିତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ବିଜ୍ଞାନ ନୀରିକ୍ଷକ ତଥା ତବରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାମ୍ରିକ କୁମାର ପଟ୍ଟନାୟକ, ଶାରୀରିକ ଶିକ୍ଷା ନିରୀକ୍ଷକ, ସୁରେନ୍ଦ୍ର ପାତ୍ର, ପ୍ରିୟଦର୍ଶୀ ମିଶ୍ର ଏବଂ ସଭା ପରିଚାଳନା କରିଥିଲେ। ଅମୂଲ୍ୟ ପାଣଗ୍ରାହୀ, କାର୍ତ୍ତିକ ମହାପାତ୍ର ଉପସ୍ଥିତରେ ଅତିଥିମାନେ ଖେଳାଳିମାନଙ୍କୁ ଜିଲ୍ଲାର ଗୌରବ ବଜାୟ ରଖିବା ପାଇଁ ଶୁଭକାମନା କରିଥିଲେ। ଏହି ଖେଳରେ ଜିଲ୍ଲାର ୧୯୫ ଜଣ ଛାତ୍ରୀଛାତ୍ର ସହିତ ୮୫ ଜଣ ଖେଳ ଶିକ୍ଷକ ଉପସ୍ଥିତ ରହି ଥିଲେ।

## ଷଷ୍ଠ ଦିବସରେ ଗଜପତି ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ଅନୁସନ୍ଧାନ ଭାରତ(ବ୍ୟୁରୋ):** ଷଷ୍ଠ ଦିବସରେ ଗଜପତି ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ୧୭ ବର୍ଷରୁ କମ୍ ବୟସର ବାଳକ ବାଳିକା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗଜପତି ଷ୍ଟାଡିୟମ୍ ପାରଳାଖେମୁଣ୍ଡି ପରିସରରେ ଆୟୋଜିତ ହୋଇଛି । ପ୍ରଥମ ପ୍ରଯ୍ୟାୟରେ ଗୁମ୍ମା ଓ କାଶୀନଗର ବାଳକ ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କାଶୀନଗର ବାଳକ ଟିମ ୨/୧ ରେ ବିଜେତା ହୋଇଛନ୍ତି। ଦ୍ୱିତୀୟ ପ୍ରଯ୍ୟାୟରେ ମୋହନା ଓ ପାରଳାଖେମୁଣ୍ଡି ପୌରପାଳିକା ବାଳିକା ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ମୋହନା ବାଳିକା ଟିମ ୩/୨ ଗୋଲ ସୁଟ ଓଉଟରେ କୃତକାର୍ଯ୍ୟ ହୋଇଥିଲା ଏହି ଦିବସରେ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ଜବାହର ନବଉଦୟ ବିଧାଳୟ ଅଧକ୍ଷ ପ୍ରଦୀପ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଏସ. ଭି. ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତିରୁମାଲା ରାଓ ପଟନାୟକ, ପାରଳାଖେମୁଣ୍ଡି ମହେନ୍ଦ୍ର ଗିରି ଉଚ୍ଚ ବିଧାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ତବରଡ଼ା ଉନ୍ନୀତ ଉଚ୍ଚ ବିଧାଳୟର ପ୍ରଧାନ ଶିକ୍ଷକ ସାମ୍ରିକ କୁମାର ପଟନାୟକ, ଆଇ. ପି ସୁରେନ୍ଦ୍ର ପାତ୍ର, ଆମ୍ପୋଲୁ ରବି କୁମାର, ଅମୁଲ୍ୟ ପାଣିଗ୍ରାହୀ, ଦିଲୀପ କୁମାର ବାଗସିଂ, ଲିଙ୍ଗ ରାଜ ସାହୁ, ଧିରେନ କୁମାର ସାମଲ, କାଳିଆ ପ୍ରଧାନ, କିଶୋର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଡ଼.ଲିପ୍ସା ମିଶ୍ର ଓ ତାଙ୍କ ଟିମ FIRST AID ବ୍ୟବସ୍ଥା କରିଥିଲେ।

## ସବିତାଙ୍କୁ ଏସୀୟ ଯୁବ ଦୌଡ଼କୁଦ ସ୍ୱର୍ଣ୍ଣ

ଭୁବନେଶ୍ୱର: କୁଏତରେ ରବିବାର ଶେଷ ହୋଇଥିବା ଚତୁର୍ଥ ଏସୀୟ ଯୁବ (୧୮ ବର୍ଷରୁ କମ୍) ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଆ ଝିଅ ସବିତା ଟୋପ୍ପୋ ମେଡଲେ ରିଲେରେ ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ରଚିଛନ୍ତି। ଶୁକ୍ରବାର ୧୦୦ ମିଟର ବାଧାଦୌଡ଼ରେ ୧୪.୧୭ ସେକେଣ୍ଡ୍ ସମୟ ନେଇ ରୌପ୍ୟ ପଦକ ଜିତିଥିବାରୁ ବ୍ୟକ୍ତିଗତ ଦ୍ୱିତୀୟ ପଦକ



ହାସଲ କରିଛନ୍ତି। ୩ ବର୍ଷ ତଳେ ଭୁବନେଶ୍ୱରସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ଏଚ୍‌ପିସିରେ ଯୋଗ ଦେଇଥିବା ସୁନ୍ଦରଗଡ଼ ଝିଅ ସବିତା ନିଜ ସମୟରେ କ୍ରମାଗତ ସୁଧାର ଆଣିଛନ୍ତି। ରବିବାର ସବିତା ଟୋପ୍ପୋ, ରୁଚିକା ସର୍ବାନନ, ଅନୁଷ୍କା ଦତ୍ତାତ୍ରୟ, ଈଶା ରାଜେଶ ଯାଦବଙ୍କୁ ନେଇ ଗଠିତ ଭାରତୀୟ ଦଳ ମିଡଲେ ରିଲେରେ ୨ ମିନିଟ୍ ୧୨.୧୮ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିଥିଲେ। ଥାଇଲାଣ୍ଡ (୨: ୧୪.୩୮) ଏବଂ ହଂକଂ (୨:୧୭.୯୭) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ସବିତା ମେଡଲେ ରିଲେ ପାଇଁ ସଂରକ୍ଷିତ ଖେଳାଳି ଭାବେ ସ୍ଥାନ ପାଇ ଏବେ ସ୍ୱର୍ଣ୍ଣ ବିଜୟିନୀ ହୋଇଛନ୍ତି। ସବିତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

## ଟି-୨୦ ବିଶ୍ୱକପ | ଅଭ୍ୟାସ ମ୍ୟାଚ୍‌ରେ ପାକିସ୍ତାନକୁ ମାତ ଦେଲା ଇଂଲଣ୍ଡ

ବ୍ରିସବେନ: ଟି-୨୦ ବିଶ୍ୱକପର ଅଭ୍ୟାସ ମ୍ୟାଚ୍‌ରେ ଇଂଲଣ୍ଡର ଏକତରଫା ବିଜୟ। ପାକିସ୍ତାନକୁ ୬ ୱିକେଟରେ ହରାଇଛି ଇଂଲଣ୍ଡ। ନିଜର ପ୍ରଥମ ଅଭ୍ୟାସକୁ ଜିତି ବିଶ୍ୱକପ ପୂର୍ବରୁ ନିଜ ମନୋବଳକୁ ସୁଦୃଢ଼ କରିଛି ଜୋଶ ବଟଲରଙ୍କର ଟିମ ଇଂଲଣ୍ଡ। ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ବିନା ଅଭ୍ୟାସ ମ୍ୟାଚ୍‌କୁ ଓହ୍ଲାଇଥିବା ପାକିସ୍ତାନ ନିର୍ଦ୍ଧାରିତ ୧୯ ଓଭରରେ ୮ ୱିକେଟ ହରାଇ ୧୬୦ ରନ କରିଥିଲା। ଦଳ ପକ୍ଷରୁ ଶାନ ମାସୁଦ ୩୯, ହାଇଦର ଅଲୀ ୧୮, ଅଧିନାୟକ ଶାଦାବ ଖାନ ୧୪, ଇଫତିକାର ଅହମ୍ମଦ ୨୨, ଆସିଫ ଅଲୀ ୧୪, ମହମ୍ମଦ ନୱାଜ ୧୪ ଓ ମହମ୍ମଦ ୱାସିମ ୨୬ ରନ କରିଥିଲେ। ସେହିପରି ଇଂଲଣ୍ଡ ପକ୍ଷରୁ ଡାଭିଡ ୱିଲ୍ଲୀ ସର୍ବାଧିକ ୨ଟି ୱିକେଟ ନେଇଥିବା ବେଳେ ବେନ ଷ୍ଟୋକ୍ସ, ସାମ କୁରାନ, କ୍ରିସ ଜୋର୍ଡାନ ଓ ଲିଆମ ଲିଭିଙ୍ଗଷ୍ଟୋନ ଗୋଟିଏ ଲେଖାଏ ସଫଳତା ପାଇଥିଲେ। ୧୬୧ ରନର ଟାର୍ଗେଟ ପାଇଥିବା ଇଂଲଣ୍ଡ ୩ ରନରେ ଓପନର ଫିଲ ସଲ୍ଟ(୧)ଙ୍କୁ ହରାଇଥିଲା। ଏହାପରେ ଆଲେକ୍ସ ହେଲ୍ସ(୯) ପ୍ୟାଭିଲିୟନ ଫେରିଥିଲେ। ତେବେ ବେନ ଷ୍ଟୋକ୍ସ ୧୮ ବଲରେ ୩୬ ଓ ଲିଆମ ଲିଭିଙ୍ଗଷ୍ଟୋନ ୧୬ ବଲରେ ୨୮ ରନ କରି ସ୍ଥିତି ସମ୍ଭାଳିଥିଲେ। ଶେଷ ଭାଗରେ ହ୍ୟାରୀ ବ୍ରୁକ୍ସ ୨୪ ବଲରେ ଅପରାଜିତ ୪୫ ଓ ସାମ କୁରାନ ୧୪ ବଲରେ ଅପରାଜିତ ୩୩ ରନର ଇନିଂସ ଖେଳି ଇଂଲଣ୍ଡକୁ ୨୬ ବଲ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ୱାସିମ ୨ଟି ୱିକେଟ ନେଇଥିବା ବେଳେ ନଶୀମ ଶାହ ଓ ଶାଦାବ ଖାନ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ଆହତ ସମସ୍ୟାରୁ ମୁକୁଳିବା ପରେ ଆଜି ପ୍ରଥମ ମ୍ୟାଚ୍ ଖେଳୁଥିବା ଶାହୀନ ଶାହ ଆଫ୍ରିଦି ୨ ଓଭରରେ ୭ ରନ ଦେଇଥିବା ବେଳେ କୌଣସି ୱିକେଟ ପାଇ ନାହାନ୍ତି।



Printed, published and Owned by Gagan Kumar Pradhan and published from Gudayagiri , PIN-762100 District-Kandhamal, Odisha and printed at pen & ink, B-87(A), Chandakaindustrial Estate, Patia, Bhubaneswar, Pin- 751024. Mail-anusandhanbharatnews@gmail.com Mobile- 9437397180 (Call/WhatsApp), 9439077180 (whatsapp and Call)
ସମ୍ପାଦକ: ଗଗନ କୁମାର ପ୍ରଧାନ
Editor: Gagan Kumar Pradhan